## ଗ୍ୟାରେଜ ମିସ୍ତ୍ରିଙ୍କ ମୃତ୍ୟୁରେ ବଜାର ବନ୍ଦ

**ପାଣିକୋଇଲି, ୧୫।୭(ସମିସ):** ପାଣିକୋଇଲିରେ ଦୀର୍ଘବର୍ଷ ଧରି ପଶ୍ଚିମବଙ୍ଗର ଲକ୍ଷ୍ମୀକାନ୍ତ ମାଇତି ନାମକ ବ୍ୟକ୍ତି ଗ୍ୟାରେଜ ମିସ୍ତ୍ରି ଭାବେ କାମ କରୁଥିଲେ। ତାଙ୍କର ଅକାଳ ମୃତ୍ୟୁରେ ଶ୍ରଦ୍ଧାଞ୍ଜଳି ଜଣାଇ ପାଣିକୋଇଲି ଶର୍ମା ପେଟ୍ରୋଲସ୍ଥ ସମସ୍ତ ଗ୍ୟାରେଜ ଓ ବ୍ୟବସାୟିକ ପ୍ରତିଷ୍ଠାନ ରବିବାର ବନ୍ଦ ରହିଥିଲା। ଲକ୍ଷ୍ମୀକାନ୍ତ ପାଣିକୋଇଲିର ସାଇସୁନ୍ଦା ମୋଟର୍ସରେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରିବା ପରେ ପପୁଲାର ମୋଟର୍ସରେ କାର୍ଯ୍ୟ କରୁଥିଲେ। ଗତ ୧୩ ତାରିଖ ଦିନ ସେ ତାଙ୍କ ପତ୍ନୀଙ୍କୁ ଧରି ବାଇକ୍‌ରେ କଟକରୁ ଫେରିବା ସମୟରେ ଜାରକା ନିକଟରେ ଦୁର୍ଘଟଣା ଘଟିଥିଲା। ଉକ୍ତ ଦୁର୍ଘଟଣାରେ ସେ ଗୁରୁତର ଆହତ ହେବା ସହିତ ପତ୍ନୀ ଆଂଶିକ ଆଘାତପ୍ରାପ୍ତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥାନ୍ତରିତ କରାଯାଇଥିବାବେଳେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା।

## ମହିଳାଙ୍କ ଆତ୍ମହତ୍ୟା

**କର୍ଯ୍ୟାଁଗୋଲା, ୧୫।୭ (ସମିସ):** ବିବାହକୁ ୪ ମାସ ପୂରିନି। ପାଦରୁ ଅଳତା ଦାଗ ଭଲରେ ଲିଭିବା ପୂର୍ବରୁ ଅକାଳରେ ଝଡ଼ିଗଲା ନବବଧୂର ଜୀବନ। ମଙ୍ଗଳପୁର ପୁଲିସ୍ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ୧୬/୨୪ରେ ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ସୂଚନା ମୁତାବକ, ମଙ୍ଗଳପୁର ଥାନା ଅନ୍ତର୍ଗତ କର୍ଯ୍ୟାଁ ପଞ୍ଚାୟତର ଲକ୍ଷ୍ମୀପୁର ଗ୍ରାମର ସୁବ୍ରତ ବାରିକ ଭଦ୍ରକ ଜିଲ୍ଲାର ପାହାଡପୁର ଗ୍ରାମର ମୋନାଲିସା (୨୩)ଙ୍କୁ ଗତ ମାର୍ଚ୍ଚ ମାସରେ ବିବାହ କରିଥିଲେ। ଆଜି ସକାଳେ ନିଜ ଦେହରେ କିରୋସିନ ଢ଼ାଳି ମୋନାଲିସା ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ମଙ୍ଗଳପୁର ଥାନା ଅଧିକାରୀ ଚିନ୍ମୟୀ ସାହୁ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ସ୍କୁଟିରୁ ପଡ଼ି ଜଣେ ଗୁରୁତର

**ପାଣିକୋଇଲି, ୧୫।୭(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଜଣେ ବ୍ୟକ୍ତି ସ୍କୁଟିରୁ ପଡ଼ି ଗୁରୁତର ଆହତ ହୋଇଛନ୍ତି। ଏହି ଥାନା ଅନ୍ତର୍ଗତ ମହାବୀର କଲୋନୀର ସନ୍ତୋଷ କୁମାର ସାମନ୍ତରାୟ ନାମକ ଜଣେ ବ୍ୟକ୍ତି (ମଧୁବନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଅଛନ୍ତି) ଆଜି ଅପରାହ୍ନରେ ସ୍କୁଟି ଯୋଗେ କେନ୍ଦ୍ରାପଡ଼ାରୁ ଘରକୁ ଫେରୁଥିବାବେଳେ ଶର୍ମା ପେଟ୍ରୋଲ ପମ୍ପ ନିକଟରେ ସର୍ଭିସ ରୋଡ୍‌ରେ ହଠାତ ସ୍କୁଟିର ଚକ ସ୍ଲିପ ମାରିବାରୁ ତଳେ ପଡ଼ିଯାଇଥିଲେ। ସନ୍ତୋଷଙ୍କର ପୂର୍ବରୁ ଡାହାଣ ଗୋଡ଼ ଭାଙ୍ଗି ଅସ୍ତ୍ରୋପଚାର ହୋଇ ରଡ଼ ପଶିଥିବାବେଳେ ସ୍କୁଟିରୁ ପଡ଼ିଯିବା କାରଣରୁ ପୁଣି ସେହି ସ୍ଥାନଟି ଭାଙ୍ଗିଯାଇଥିଲା। ସନ୍ତୋଷ ତଳେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ସ୍ଥାନୀୟ ଯୁବକ ତାଙ୍କୁ ଉଦ୍ଧାର କରି ଘରକୁ ପଠାଇବା ପରେ ସେ ପୁଣିଥରେ ଚିକିତ୍ସା ନିମନ୍ତେ କଟକ ଯାଇଛନ୍ତି।

## ରାସ୍ତାରେ ଗୋରୁ, ବଢୁଛି ଦୁର୍ଘଟଣା

**ଦଶରଥପୁର, ୧୫।୭ (ସମିସ):** ଦଶରଥପୁର ବ୍ଲକର ପ୍ରମୁଖ ରାସ୍ତାରେ ଗୃହପାଳିତ ଗାଈଗୋରୁ ବୁଲୁଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଲୋକେ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗୋରୁଗାଈଙ୍କ ଅବାଧ ବିଚରଣକୁ ନେଇ କାହାରି ନିଘା ନ ଥିବାବେଳେ ବ୍ଲକର ପ୍ରମୁଖ ରାସ୍ତାରେ ଏହି ସମସ୍ୟା ଯୋଗୁଁ ଅନେକ ଦୁର୍ଘଟଣା ଘଟୁଛି। ଦଶରଥପୁର ବ୍ଲକ କାର୍ଯ୍ୟାଳୟ ଦେଇ ଯାଇଥିବା ୨୦ ନଂ. ଜାତୀୟ ରାଜପଥ ହେଉ କିମ୍ବା ଅନ୍ୟ ପ୍ରମୁଖ ରାସ୍ତାରେ ଗୃହପାଳିତ ଗାଈଗୋରୁଙ୍କ ମାଲିକ ଦୈନନ୍ଦିନ ରାସ୍ତାରେ ଗୋରୁଗାଈଙ୍କୁ ଛାଡ଼ି ଦେଉଥିବାରୁ ସମସ୍ୟା ଦ୍ୱିଗୁଣିତ ହେଉଛି। ବ୍ଲକ ପ୍ରଶାସନ ମାଲିକାନାରେ ଗୋରୁଗାଈଙ୍କୁ ଧରି ରଖିବାକୁ କୌଣସି ମାଧ୍ୟମ ନ ଥିବାରୁ ବୁଲା ଗୋରୁଗାଈଙ୍କୁ ଧରିବା କାର୍ଯ୍ୟରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଛି। ଅନ୍ୟପକ୍ଷରେ ଗାଈଗୋରୁଙ୍କ ମାଲିକମାନେ ସଚେତନ ନ ହେବାରୁ ପ୍ରତ୍ୟେକ ଦିନ ବିଭିନ୍ନ ରାସ୍ତାରେ ମାଲମାଲ ଗୋରୁ ରାସ୍ତା ଉପରେ ଅବାଧରେ ବୁଲୁଥିବାରୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଯେହେତୁ ବ୍ଲକର ଅଧିକାଂଶ ରାସ୍ତା ଅଣଓସାରିଆ ଓ ସଂକୀର୍ଣ୍ଣ ତେଣୁ ଲୋକେ ବିଭିନ୍ନ ଅସୁବିଧା ଭୋଗୁଛନ୍ତି। ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲାରେ ଦାବି ହୋଇଛି।

## ରାସ୍ତା ତଳକୁ ଖସିଲା କାର୍, ଜଣେ ଆହତ



**ପାଣିକୋଇଲି, ୧୫।୭(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର କେଉଟନଗୁଆ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଏକ କାର୍ ରାସ୍ତା କଡ ନାଳକୁ ଓଲଟି ପଡ଼ିଥିଲା। ଚାଳକ ସାମନ୍ୟ ଆହତ ହୋଇଛନ୍ତି। ଏକ କାର୍ କତରାପୁର ପଟୁ ଜାତୀୟ ରାଜପଥକୁ ଆସୁଥିବାବେଳେ ହଠାତ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା। ଫଳରେ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ପାଣିକୋଇଲି ପୁଲିସ ପହଞ୍ଚି ଦୁର୍ଘଟଣାର ତଦନ୍ତ ଜାରି ରଖିଛି।

### କବାଟବନ୍ଧ ପ୍ରାଣୀଧନ ସହାୟକ କେନ୍ଦ୍ର

# ବିଭାଗୀୟ ଅଣଦେଖାରୁ ପାଲଟିଛି ଭୂତକୋଠି

**କବାଟବନ୍ଧ, ୧୫।୭ (ସମିସ)**



ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧଠାରେ ଥିବା ପ୍ରାଣୀଧନ ସହାୟକ କେନ୍ଦ୍ରଟି ଭୂତକୋଠି ହୋଇ ପଡ଼ିରହିଛି। ବର୍ଷେ ନୁହେଁ କି ଦୁଇବର୍ଷ ନୁହେଁ, ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏହା କାମରେ ଲାଗିପାରୁନାହିଁ। ବିଭାଗୀୟ ଅଧିକାରୀ ଅଣଦେଖା କରି ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହାକୁ ଚିକିତ୍ସା ଉପଯୋଗୀ କରିପାରୁନାହାଁନ୍ତି। ପ୍ରାୟ ୬ ମାସ ପୂର୍ବେ ଏଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ।

ସୂଚନା ମୁତାବକ, ବ୍ଲକ ପକ୍ଷରୁ ପ୍ରାଣୀଧନ ସହାୟକ କେନ୍ଦ୍ର ନିର୍ମାଣ କରାଯାଇଥିଲା। ପ୍ରାଣୀ ଚିକିତ୍ସା ବିଭାଗକୁ ଏହା ହସ୍ତାନ୍ତର କରାଯାଇନାହିଁ। ଏହି ଅଞ୍ଚଳରେ କେତେକ ଲୋକ ଗାଈ, ମଇଁଷି, ଛେଳି ପାଳନ କରି ଜୀବିକା ନିର୍ବାହ କରନ୍ତି। ଏହି ଅଞ୍ଚଳର ପ୍ରାଣୀଧନର ସୁରକ୍ଷା ତଥା ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତା ଦୃଷ୍ଟିରୁ ଉତ୍ତମ ଚିକିତ୍ସା ପାଇଁ କବାଟବନ୍ଧଠାରେ ପ୍ରାୟ ୧୦ ବର୍ଷ ତଳେ ଏକ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ଦୁଃଖ ଓ ପରିତାପର ବିଷୟ ତାହା କୌଣସି କାମରେ ଲାଗି ପାରିଲା ନାହିଁ। କେବଳ ଘରଟିଏ ତିଆରି ହୋଇ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଲେଖା ଯାଇ ତାଲା ଝୁଲୁଛି। ଫଳରେ ଲୋକେ ଘରୋଇ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଏଠାରେ କାହାକୁ ନିଯୁକ୍ତି ଦିଆଗଲାନାହିଁ। ଘରଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହା ପରିସର ଅନାବନା ଗଛ ସହିତ ଭୟଙ୍କର ସରୀସୃପଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ତୁରନ୍ତ ବିଭାଗୀୟ ଅଧିକାରୀ ଏଠାରେ ଜଣେ ପ୍ରାଣୀଧନ ନିରୀକ୍ଷକଙ୍କୁ ନିଯୁକ୍ତି ଦେଇ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ମତାମତ ନେବାରୁ ଏ ନେଇ ଖୁବଶୀଘ୍ର ସମସ୍ତ ଜିଲ୍ଲାପାଳଙ୍କୁ ନେଇ ଏକ ସଚିବସ୍ତରୀୟ ବୈଠକ ହେବ। ଏହାପରେ ବିଭିନ୍ନ ସ୍ଥାନରେ ରହିଥିବା ସମସ୍ୟା ଓ ନିଯୁକ୍ତି ବିଷୟରେ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ବିରଜା କ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ଆଲୋଚନାଚକ୍ର

# 'ବିରଜା ସଂସ୍କୃତି ସମଗ୍ର ବିଶ୍ୱରେ ବିରଳ'



**ଯାଜପୁର ଟାଉନ, ୧୫।୭ (ସମିସ)**

ବିରଜାକ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଜଗନ୍ନାଥ ସଂସ୍କୃତିରେ ବିରଜା କ୍ଷେତ୍ର ଶୀର୍ଷକ ଆଲୋଚନାଚକ୍ର ଓ ଯାଜପୁରକୁ ରେଳ ସଂଯୋଗ ସମ୍ପର୍କରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ବିରଜାକ୍ଷେତ୍ର ବିକାଶ ପରିଷଦର ସଭାପତି ତପନ ମହାରଣ୍ୟ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ବକ୍ତା ଭାବେ ପଣ୍ଡିତ ଡଃ ଜ୍ଞାନରଞ୍ଜନ ପତି ଯୋଗଦେଇ ବିରଜା ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ବିରଜା କ୍ଷେତ୍ରରେ ଥିବା ବହୁ ପୌରାଣିକ ତଥା ତୀର୍ଥ ସ୍ଥାନ ଆଜି ଅବହେଳିତ ହୋଇ ପଡ଼ିବା ସହ ଅନ୍ୟ କେତେକ ସ୍ଥାନରେ ତାହାକୁ କିଛି ସ୍ଥାନରେ ଅଧିଗ୍ରହଣ କରାଯାଇଛି। ସେଗୁଡିକ ପୁନରୁଦ୍ଧାର କରିବା ସହ ଯାଜପୁରବାସୀ ପ୍ରଚେଷ୍ଟା କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ।

ବରିଷ୍ଠ ପ୍ରବଚକ ତଥା ଅଧ୍ୟାପକ ନିତ୍ୟାନନ୍ଦ ଦେଓ ବିରଜା ସଂସ୍କୃତି ସହିତ ଜଗନ୍ନାଥ ସଂସ୍କୃତିକୁ ଉତଥାପନ କରି ମାତ୍ର ଅଳ୍ପ କେତେକ ଦେବାଦେବୀ ତଥା ମହୋଦଧୀ ଏଠାରେ ନ ଥିବାରୁ ଏହା ଶ୍ରୀକ୍ଷେତ୍ର କରାଯାଇପାରି ନ ଥିଲା। କିନ୍ତୁ ଏହି ସ୍ଥାନ ବୈତରଣୀ ତୀର୍ଥ, ନାଭିଗୟା ଓ ବିରଜାକ୍ଷେତ୍ର ରୂପରେ ସାରା ବିଶ୍ୱରେ ପରିଚିତ।

ସ୍ୱୟଂ ମା'ବିରଜା ବ୍ରହ୍ମାଙ୍କ ଯଜ୍ଞ କୁଣ୍ଡରୁ ଆବିର୍ଭୂତା ହୋଇ ଜଗତର କଲ୍ୟାଣ କରିଛନ୍ତି। ଏଣୁ ଏହି ସ୍ଥାନ ଏକ ମହନୀୟ ସ୍ଥାନ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟତମ ବକ୍ତା ରୂପେ ବିଶିଷ୍ଟ ସାହିତ୍ୟିକ ତଥା ଝଡ଼ର ସମ୍ପାଦକ ବ୍ରଜ ନାୟକ, ବିଶିଷ୍ଟ ଶିକ୍ଷାବିତ୍ କାମେଶ୍ୱର ପଣ୍ଡା ଯୋଗଦେଇ ଯାଜପୁରର ଐତିହ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଯାଜପୁର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଯାଜପୁରକୁ ରେଳ ସଂଯୋଗ ଯଥାଶୀଘ୍ର କରାଯାଉ ବୋଲି ଦାବି କରିଥିଲେ। ଯାଜପୁର ରେଳ ସଂଯୋଗ ନିମନ୍ତେ ସର୍ଭେ ରିପୋର୍ଟ ଆଗାମୀ ସପ୍ତାହରେ ଦିଲ୍ଲୀର ରେଳ ଭବନକୁ ଯିବାକୁ ଥିବାବେଳେ ପରିଷଦ ପକ୍ଷରୁ ଏକ ୧୦ଜଣିଆ କମିଟି ଗଠନ କରାଯାଇ ଆଗାମୀ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରିବ ବୋଲି ପରିଷଦର ସଭାପତି ପ୍ରକାଶ କରିଥିଲେ। ଅନ୍ୟତମ ବକ୍ତା ରୂପେ ଡା. ରାଜକିଶୋର ପଣ୍ଡା ଯୋଗଦେଇ ଯାଜପୁରର ସମସ୍ତ ସଂଗଠନ ଏକ ହୋଇ ରେଲୱେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ମତ ପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ ଶିକ୍ଷାବିତ୍ ଅକ୍ଷୟ ପଣ୍ଡା, କଳିଙ୍ଗ କେଶରୀ ମହାନ୍ତି, ସଞ୍ଜୟ ସିଂହ, ଅଖିଳମୋହନ ଦାସ, ସାମ୍ବାଦିକ ଦିଲ୍ଲୀପ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ନିତ୍ୟାନନ୍ଦ ଦେଓ ଧନ୍ୟବାଦ ଅର୍ପଣ କରିଥିବାବେଳେ ତରଣୀ ମହାରଣ୍ୟ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୧ରେ ସାହିତ୍ୟ ଦର୍ପଣ କବିତା ପାଠୋତ୍ସବ

**ଜାରକା, ୧୫।୭(ସମିସ):** ଧର୍ମଶାଳା ବ୍ଲକ ଅଞ୍ଚଳରୁ ଦୀର୍ଘ ୨ ଦଶନ୍ଧି ହେଲା ନିରବଚ୍ଛିନ ଭାବେ ପ୍ରକାଶ ପାଇ ଆସୁଥିବା ସାହିତ୍ୟ ପତ୍ରିକା ସାହିତ୍ୟ ଦର୍ପଣର ଷଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ମହାବିନାୟକ କବିତା ପାଠ ଉତ୍ସବ ଆସନ୍ତା ୨୧ ତାରିଖ ଦିନ ଅନୁଷ୍ଠିତ ହେବ। ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉଦଘାଟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେବେ। ଏ ଅବସରରେ କଥା ସୃଜନର କଥା ଜୀବନ କାର୍ଯ୍ୟକ୍ରମରେ ଶାରଳା ପୁରସ୍କାର ବିଜେତା ବିଶିଷ୍ଟ ଗାଳ୍ପିକ ଭୀମ ପୃଷ୍ଟି, ବିଶିଷ୍ଟ କବି ଅଭୟ ନାୟକ ଅଂଶଗ୍ରହଣ କରି ମନର କଥା କହିବେ। ପତ୍ରିକାର ମୁଖ୍ୟ ସମ୍ପାଦକ ତ୍ରିଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମକୁ କବି ପଦ୍ମଜା ଶରଣ ଓ ଚିତ୍ତରଞ୍ଜନ ନାୟକ ପରିଚାଳନା କରିବେ। ଏ ଅବସରରେ ହାଲୋ ମୁଁ ବାପା କହୁଛି ପୁସ୍ତକ ଉନ୍ମୋଚିତ ହେବା ସହ ଗଳ୍ପ ପାଇଁ ଟୁନିଲତା ବିଶ୍ୱାଳ, କବିତା ପାଇଁ ପ୍ରବୀଣ କୁମାର କବି, ଲାବଣ୍ୟ ନାୟକ, ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ସେବା ପାଇଁ ଡାକ୍ତର ବିଜୟ କୁମାର ଶତପଥି, ସଫଳ ଉଦ୍ୟୋଗୀ ପାଇଁ ଶାନ୍ତିଲତା ଦାଶଙ୍କୁ ସମ୍ମାନିତ କରାଯିବ। ପୂର୍ବାହ୍ନରେ ଡକ୍ଟର ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଡକ୍ଟର ଉଷା ଶତପଥୀ, କବି ସୁରଞ୍ଜନ ପାତ୍ର, କବି ସୁଚେତା ନନ୍ଦ ଅତିଥି ସଂଯୋଜକ ଭାବେ ଯୋଗଦେବେ। ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ ନିମନ୍ତ୍ରିତ କବି ଯୋଗଦେଇ କବିତା ପାଠ କରିବେ ବୋଲି ପତ୍ରିକାର ସମ୍ପାଦକ ବିମଳ ପତି ସୂଚନା ଦେଇଛନ୍ତି।

## ଅନ୍ୱେଷଣ ଥିଏଟର ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ



**ଯାଜପୁର ଟାଉନ, ୧୫।୭ (ସମିସ):** ଯାଜପୁର ଜିଲ୍ଲାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ୍ ନିଜ କଳାକାରଙ୍କୁ ନେଇ ପବିତ୍ର ଘୋଷଯାତ୍ରା ଅବସରରେ ମାଉସୀ ମା' ମନ୍ଦିର (ସଦାବ୍ରତ ମଠ) ପରିସରରେ ଜଗନ୍ନାଥଙ୍କ ଉପରେ ଓଡ଼ିଶୀ ଭଜନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରତ୍ୟେକ ବର୍ଷ ଘୋଷଯାତ୍ରା ଅବସରରେ ମାଉସୀ ମା' ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥାଏ। କୁନି କୁନି କଳାକାରଙ୍କ ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ବରିଷ୍ଠ ସଦସ୍ୟ ତାରାକାନ୍ତ ମଲ୍ଲିକ, ପ୍ରଶାନ୍ତ ପତି, ଶିଶିର କୁମାର ମହାପାତ୍ର, ସୂର୍ଯ୍ୟକାନ୍ତ ସେଠୀ, କିଶୋର କୁମାର ଦାସ, କାଶୀନାଥ ପରିଡ଼ା, ଜନାର୍ଦ୍ଦନ ମହାନ୍ତି, ତହସିଲ ବଡ଼ ବାବୁ ଶଶୀଭୂଷଣ ମିଶ୍ର, ପ୍ରଶାନ୍ତ ଖୁଣ୍ଟିଆ, ବରିଷ୍ଠ ସଦସ୍ୟା ସକୁନ୍ତଳା ବେହେରା, ସୌଭାଗ୍ୟ ତିପ୍ରାଠୀ, ତପସ୍ୱିନୀ ମଲ୍ଲିକ, ଐଶ୍ୱର୍ଯ୍ୟା ସାହୁ, ସାଇସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି କର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର ସଞ୍ଚାଳନ କରିଥିଲେ।

## ମାଁସଡା ମିନି ମାରାଥନ୍ ଓ ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ

**ବିଂଝାରପୁର, ୧୫।୭(ସମିସ):** ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ମାଁସଡା ପଞ୍ଚାୟତର ସମାଜସେବୀ କାର୍ତ୍ତିକ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆସନ୍ତା ୨୧ ତାରିଖରେ ମିନି ମାରାଥନ୍ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ କାର୍ତ୍ତିକ ବେହେରା ଫାଉଣ୍ଡେସନ୍ ପକ୍ଷରୁ ସଂଯୋଜକ ଶ୍ୟାମସୁନ୍ଦର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ କାର୍ତ୍ତିକ ବେହେରାଙ୍କ ସ୍ମୃତିରେ ଆଗାମୀ ବର୍ଷମାନଙ୍କରେ ଏପରି କାର୍ଯ୍ୟଧାରା ଚାଲୁ ରହିବା ପାଇଁ ସର୍ବସମ୍ମତି ମତ ପ୍ରକାଶ ପାଇଛି। ଆଗାମୀ ଅଗଷ୍ଟ ୮ ତାରିଖରେ ସ୍ୱର୍ଗତ ବେହେରାଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପାଳନ ହେବାକୁ ଯାଉଛି। ଏହା ପୂର୍ବରୁ ଆସନ୍ତା ୨୧ ତାରିଖରେ ଯଜ୍ଞ ପଡ଼ିଆରୁ ମିନି ମାରାଥନ୍ ଆରମ୍ଭ ହୋଇ ବ୍ଲକ ଛକରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୁବ, ଛାତ୍ର, ମହିଳାଙ୍କୁ ଆହ୍ୱାନ ଦିଆଯାଇଛି। ଏଥିସହ ଉକ୍ତ ଦିନ ରକ୍ତଦାନ ଶିବିର ଆୟୋଜନ ହେବା ପାଇଁ ବୈଠକରେ ସ୍ଥିର ହୋଇଛି। ଏହି ପ୍ରସ୍ତୁତି ବୈଠକରେ ଶ୍ୟାମସୁନ୍ଦର ବେହେରା, ଅଶୋକ କୁମାର ଦାସ, ରାଜୀବଲୋଚନ ଦାସ, ଅନନ୍ତ ବିନ୍ଧାଣୀ, ରମେଶ ମଲ୍ଲିକ, କାଳନ୍ଦୀ ଯେନା, ଦେବକାନ୍ତ ଦାସ, ପ୍ରମୋଦ କୁମାର ମିଶ୍ର, ବୃନ୍ଦାବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଧାରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

# ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଆର୍ଥିକ ଅନିୟମିତତା ଅଭିଯୋଗ

**ବରୀ, ୧୫।୭(ସମିସ)**



ବରୀ ଶିକ୍ଷାମଣ୍ଡଳ ଅଧୀନସ୍ଥ ଧାରପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଏହି ଅଞ୍ଚଳର ସର୍ବପୁରାତନ ସରକାରୀ ବିଦ୍ୟାଳୟ ଭାବେ ପରିଚିତ। ବରୀ ଅଞ୍ଚଳର ଶିକ୍ଷା ଅନୁରାଗି ସ୍ୱର୍ଗତ ନବଘନ ଜେନାଙ୍କ ପ୍ରଚେଷ୍ଟାରେ ନାରୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇ ୧୯୬୫ରେ ଉକ୍ତ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ଆର୍ଥିକ ନିୟମିତତା ଓ କର୍ତ୍ତବ୍ୟରେ ଅବହେଳା ଅଭିଯୋଗ ଆସିଛି।

ଯାଜପୁର ଜିଲ୍ଲାରେ ଦୁଇଟି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ଏହା ଅନ୍ୟତମ। ଉତ୍ତମ ଶିକ୍ଷାଦାନ, ପରିବେଶର ପାରିପାର୍ଶିକ ଅବସ୍ଥା ଓ ସ୍ଥାନୀୟ ଲୋକଙ୍କ ସହଯୋଗ ଯୋଗୁ ଜିଲ୍ଲା କ୍ଷେତ୍ରରେ ସ୍ୱତନ୍ତ୍ର ମାନ୍ୟତା ପାଇଥିଲା। ମାତ୍ର ଏହି ବିଦ୍ୟାଳୟରେ ନିଯୁକ୍ତ ପ୍ରଧାନଶିକ୍ଷକଙ୍କ ବାରମ୍ବାର ଅନୁପସ୍ଥିତି, ମନମୁଖୀ କାର୍ଯ୍ୟ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସହିତ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥର ଦୁରୁପଯୋଗ ହେଉଥିବା ଅଭିଯୋଗ ହେଉଛି। ବିଶେଷକରି କମ୍ପୋଜିଟ ଗ୍ରାଣ୍ଟ, ଇକୋ କ୍ଲବ୍, ବାର୍ଷିକ କ୍ରୀଡ଼ା ଉତ୍ସବ, ପୋଷାକ ବିତରଣ, ଝାନ୍‌ସୀ ରାଣୀ ଲକ୍ଷ୍ମୀବାଇ କାର୍ଯ୍ୟକ୍ରମ ଇତ୍ୟାଦି କ୍ଷେତ୍ରରେ ଆସୁଥିବା ଅର୍ଥକୁ ପ୍ରଧାନଶିକ୍ଷକ ଏହି ବିଦ୍ୟାଳୟର ପରିଚାଳନା କମିଟି, ମୋ ସ୍କୁଲ ଅଭିଯାନ କମିଟି, ପୁରାତନ ଛାତ୍ରୀ ସଂସଦର ବିନା ସ୍ୱୀକୃତିରେ ଖର୍ଚ୍ଚ କରୁଥିବା ଅଭିଯୋଗ ହେଉଛି। ସରକାରୀ ନିୟମ ଅନୁସାରେ ବିଦ୍ୟାଳୟର ଉନ୍ନତିକରଣ, ଉନ୍ନତ ଶିକ୍ଷାଦାନ କ୍ଷେତ୍ରରେ ପୁରାତନ ଛାତ୍ରୀ ବିଦ୍ୟାଳୟକୁ ଯେତିକି ଅର୍ଥ ଅନୁଦାନ ଦେବେ ତାହାର ଦୁଇଗୁଣା ଅର୍ଥ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇ ବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତିକରଣ କରାଯିବା କଥା। କିନ୍ତୁ ପୁରାତନ ଛାତ୍ରୀ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ଏହି ଯୋଜନାରେ ଜମା କରିଥିବାବେଳେ ସରକାର ମଧ୍ୟ ୨ ଲକ୍ଷ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଉକ୍ତ ଅର୍ଥ ରାଶି ବିଦ୍ୟାଳୟର ପାଣ୍ଠିରେ ଗଚ୍ଛିତ ଥିଲେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ ମନମାନୀ ଯୋଗୁଁ ଅଦ୍ୟାବଧି ଏହି ଅର୍ଥ ରାଶି ଖର୍ଚ୍ଚ ହୋଇପାରିନାହିଁ। ନିୟମ ଅନୁସାରେ ଜମା ଅର୍ଥ ରାଶି ଉଚିତ ସମୟରେ ଖର୍ଚ୍ଚ କରାଯାଇ ବିନିଯୋଗ ପ୍ରମାଣପତ୍ର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯିବା ପରେ ପରବର୍ତ୍ତୀ ବର୍ଷ ପାଇଁ ପୁନରାୟ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରିବ। କିନ୍ତୁ ଏହି ଅର୍ଥ ଖର୍ଚ୍ଚ କରାଯାଇ ନ ଥିବାରୁ ପରବର୍ତ୍ତୀ ବର୍ଷ ପାଇଁ ଅନୁଦାନ ହରାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଏଥିପ୍ରତି ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେବା ସହିତ ଏହା ଏକ ବାଳିକା ବିଦ୍ୟାଳୟ ହୋଇଥିବାରୁ କାର୍ଯ୍ୟରତ ଥିବା ପୁରୁଷ ପ୍ରଧାନଶିକ୍ଷକଙ୍କୁ ବଦଳି କରାଯାଇ ଜଣେ ମହିଳାଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ନିଯୁକ୍ତି ଦେବାକୁ ବିଦ୍ୟାଳୟର ବିଭିନ୍ନ କମିଟି ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ରତ୍ନାକର ମଲିକଙ୍କୁ ଫୋନ ଯୋଗେ ପଚାରିବାରୁ ସେ ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଥିଲେ।

## ମୋବାଇଲ ଗେମ୍ ନିଶାରେ ଯୁବପିଢ଼ି



**ମଙ୍ଗଳପୁର, ୧୫।୭(ସମିସ):** କ୍ରୀଡ଼ା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଅପରିହାର୍ଯ୍ୟ। ଛାତ୍ର ଅବସ୍ଥାରେ ହେଉ ଅବା ଯୁବ ଅବସ୍ଥାରେ ସମସ୍ତେ ଖେଳିବା ଆବଶ୍ୟକ। ଏହା ଉଭୟ ଶରୀର ଓ ମନକୁ ସୁସ୍ଥ କରିଥାଏ। କିନ୍ତୁ ଆଧୁନିକତାର ପ୍ରଭାବରେ ଦିନକୁ ଦିନ ଏହି ଶାରୀରିକ କ୍ରୀଡ଼ା କମି କମି ଯାଉଛି। ଛାତ୍ର ଅବସ୍ଥାରୁ ଆରମ୍ଭ କରି ଯୁବାବସ୍ଥା ପର୍ଯ୍ୟନ୍ତ ସମସ୍ତେ ମୋବାଇଲ ଦ୍ୱାରା କବଳିତ ହେବା ପରି ଅନୁଭୁତ ହେଲାଣି। ମୋବାଇଲରେ ଆସୁଥିବା ବିଭିନ୍ନ ପ୍ରକାର ଗେମ୍ ଯୁବପିଢ଼ିଙ୍କୁ ଚିନ୍ତା ଶକ୍ତିଠାରୁ ଦୂରେଇ ରଖୁଛି। ଯାହାର କୁପ୍ରଭାବ ଆମ ସାମାଜିକ ବ୍ୟବସ୍ଥା ଉପରେ ପଡୁଥିବା ଦେଖିବାକୁ ମିଳିଛି। କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳକୁ ମଧ୍ୟ ବ୍ୟାପିବାରେ ଲାଗିଛି ଏହି ମୋବାଇଲ ଗେମର ପ୍ରଭାବ। ଏହି ଖେଳକୁ ପିଲାମାନେ ଅଧିକ ଗୁରୁତ୍ୱ ଦେଉଥିବା ନଜରକୁ ଆସୁଛି। ମୋବାଇଲକୁ ଆସୁଥିବା ବିଭିନ୍ନ ଖେଳ ଖେଳିବାକୁ ହେଲେ ଏକ ସ୍ମାର୍ଟ ଫୋନ ଆବଶ୍ୟକ। ଯିଏ ଦିନେ ଖାଇଲେ ଦି'ଓଳି ଉପବାସ ରହୁଥିଲେ, ସେହି ପରିବାରର ପିଲା ମୋବାଇଲ ଖଣ୍ଡେ ପାଇଁ ବାପାମାଙ୍କୁ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ବାପାମାଆ ବିଦ୍ୟାଳୟକୁ ଛାଡନ୍ତି ପାଠ ପଢ଼ିବା ପାଇଁ। କିନ୍ତୁ ସେମାନେ ବିଦ୍ୟାଳୟ ନ ଆସି ବିଭିନ୍ନ ମୋବାଇଲ ଗେମ ଖେଳୁଥିବା ଲକ୍ଷ୍ୟ କରାଯାଉଛି। ମୋବାଇଲ ମାଧ୍ୟମରେ ହେଉଥିବା ମିଛି ମିଛିକି ଖେଳରେ ମଜି ଯାଉଥିବା ଯୁବପିଢ଼ି ନିଜକୁ ହଜାଇ ଦେଇଥା'ନ୍ତି। ଏଥିପାଇଁ ଅନେକଙ୍କ ବ୍ୟାଙ୍କ ଏକାଉଣ୍ଟ ମଧ୍ୟ ସଫା ହୋଇଯାଉଛି। ଏହାକୁ ନେଇ ଅନେକ ପରିବାରରେ ଅଶାନ୍ତି ଉପୁଜୁଥିବା ଦେଖିବାକୁ ମିଳିଛି। ପ୍ରତିଦିନ ଏଭଳି ଘଟଣା ଘଟି ଚାଲିଥିଲେ ମଧ୍ୟ ଅଭିଭାବକ ଏଥିପ୍ରତି ସଜାଗ ହେବା ଆବଶ୍ୟକ। ତେଣୁ ବେଳହୁଁ ସାବଧାନ ନ ହେଲେ ପରିସ୍ଥିତି ଆଗକୁ ଭୟାବହ ହୋଇଯିବ ଏଥିରେ ସନ୍ଦେହ ନାହିଁ।

# ମୋଡ଼ସାହିରୁ ହରିବୋଲ କ୍ଷେତ୍ରକୁ ବାହୁଡ଼ିଲେ ଶ୍ରୀଜୀଉ

**ତିହିଡ଼ି, ୧୫ ।୭ (ସମିସ)**

ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ମୋଡ଼ସାହିରେ ପ୍ରସିଦ୍ଧ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମୋଡ଼ସାହି ଗ୍ରାମର ଆବାଳ-ବୃଦ୍ଧ-ବନିତାଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ହରିବୋଲ କ୍ଷେତ୍ରକୁ ବିଦାୟ ଦେଇଥିଲେ । ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରାତଃକାଳରୁ ପୂଜକଙ୍କଦ୍ୱାରା ବିଭିନ୍ନ ପୂଜା ବିଧି ଅନୁସାରେ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୧.୩୦ରେ ପହଣ୍ଡି ବିଜେ ପରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋରଙ୍କୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ରଥପାଖକୁ ନିଆଯାଇଥିଲା ଏବଂ ସେଠାରେ ସମସ୍ତ ବିଧିମୁତାବକ ତିନି ରଥ ଉପରେ ଜିଲାପାଳ ଛେରାପହଁରା କରିଥିଲେ । ଆଖପାଖ ଅଞ୍ଚଳ ସମେତ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ହଜାର ହଜାର ଭକ୍ତଙ୍କ ସମାଗମରେ ପୂରି ଉଠିଥିଲା



ଶ୍ରୀଗୁଣ୍ଡିଚା କ୍ଷେତ୍ର । ଦିନ ୩ଟାରେ ତିନି ରଥ ଗଡ଼ିଥିଲା କେଶପୁର ହରିବୋଲ କ୍ଷେତ୍ର ଅଭିମୁଖେ । ହୁଳହୁଳି, ଝାଞ୍ଜ ଓ ମୃଦଙ୍ଗରେ କମ୍ପି ଉଠିଥିଲା ଗୁଣ୍ଡିଚା ମନ୍ଦିର । ରଥ-ପଥ, ଭକ୍ତ ଓ ଭଗବାନ ଏକାକାର ହୋଇ ଯାଇଥିଲେ ବିଭୂପ୍ରେମରେ । ମାତା ସୁଭଦ୍ରାଙ୍କ ରଥକୁ ବେଶ୍ ଭାବମୟ ପରିବେଶରେ ମହିଳାମାନେ ଟାଣି ଟାଣି ନେଇଥିଲେ । ମୋଡ଼ସାହି ମାଉସୀ ମା' ମନ୍ଦିର କମିଟି ତରଫରୁ ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ପାଦକ ସନାତନ ଜେନା, କୋଷାଧ୍ୟକ୍ଷ ଧୀରେନ କୁମାର ବେହେରା, ଉପସଭାପତି ରବିନାରାୟଣ ସାମଲ, ସାଂସ୍କୃତିକ ସଂଯୋଜକ ଭରତ ଚନ୍ଦ୍ର ସାହୁ, ସହସମ୍ପାଦକ ପ୍ରିୟରଞ୍ଜନ ବେହେରା, ସରପଞ୍ଚ ମାମିନା ଜେନା, ସମିତିସଭ୍ୟ ପୁଷ୍ପାଞ୍ଜଳି ବେହେରା, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା, ସଦସ୍ୟ ଦିଲୀପ କୁମାର ଖୁଣ୍ଟିଆ, ମନୋରଞ୍ଜନ ଖୁଣ୍ଟିଆ, ବଂଶୀଧର ପୃଷ୍ଟି, ଅତୁଲ ବେହେରା, ରାଜକିଶୋର ନାୟକ, ଚିନ୍ତାମଣି ପଣ୍ଡା, ରାଜକିଶୋର ସାହୁ, କାର୍ତ୍ତିକ ତ୍ରିପାଠୀ, ଭାଗିରଥି ଖୁଣ୍ଟିଆ, ପ୍ରକାଶ ଖୁଣ୍ଟିଆ, ଶଶିକାନ୍ତ ଜେନା, ପରମାନନ୍ଦ ସାହୁ, ସନାତନ ପୃଷ୍ଟି ପ୍ରମୁଖଙ୍କ ସମେତ ହରିବୋଲ କ୍ଷେତ୍ର ରଥ ପରିଚାଳନା କମିଟି ସଭାପତି ନଗେନ୍ଦ୍ର ପ୍ରସାଦ ଦାସ, ସମ୍ପାଦକ ଶ୍ରୀଧର ପୁହାଣ ଓ ସଦସ୍ୟମାନେ ଉପସ୍ଥିତ ରହି ରଥଯାତ୍ରା ପରିଚାଳନା କରିଥିଲେ । ସେହିପରି ତିହିଡ଼ି ବ୍ଲକର ପୀରହାଟ, ଚାରିତରଫ, ତିହିଡ଼ି, ମଙ୍ଗରାଜପୁର, ମୃଷାଙ୍ଗ, କୋହ୍ଲ, ତାଳପଦା, କାଳିମେଘା, ନୂଆନନ୍ଦ ଇତ୍ୟାଦି ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।



ବାସୁଦେବପୁର ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ବାହୁଡ଼ା ଯାତ୍ରା

## ଭଦ୍ରକ ସ୍ୱତନ୍ତ୍ର କାରାଗାରରେ ବାହୁଡ଼ା ଯାତ୍ରା



**ଭଦ୍ରକ, ୧୫।୭ (ସମିସ):** ଆଜି ଭଦ୍ରକ ସ୍ୱତନ୍ତ୍ର କାରାଗାରରେ ଅନୁଷ୍ଠିତ ହୋଇଯାଇଛି ପବିତ୍ର ବାହୁଡା ଯାତ୍ରା । ଅପରାହ୍ନରେ ଜେଲ ପରିସରରେ କାରା ଅଧିକ୍ଷକ ରଷିନାଥ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଏହି ପବିତ୍ର ଉତ୍ସବ । ଜେଲ ମଧ୍ୟରେ ଥିବା ୭ନମ୍ବର ସେଲ୍‌ଫର ମାଉସୀମା ବାଡିରୁ ତିନି ଦିଅଁଙ୍କ ରଥକୁ ଡାକ୍ତରଖାନାର ୧ନମ୍ବର ହଲ୍‌କୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବନ୍ଦୀମାନେ ଟାଣି ଟାଣି ନେଇଥିଲେ । ଜୟ ଜଗନ୍ନାଥ ଧ୍ୱନିରେ କମ୍ପି ଉଠିଥିଲା ଜେଲ ପରିସର । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତିକୁ ପହଣ୍ଡି ବିଜେ ପରେ ଅନ୍ତେବାସୀ ନୀଳମଣି ଦାସ ଛେରାପହଁରା କରିବା ପରେ ବନ୍ଦୀଭାଇମାନେ ରଥକୁ ଟାଣି ନେଇଥିଲେ ଡାକ୍ତରଖାନାର ୧ନଂ ହଲ୍‌କୁ । ଏହି ବାହୁଡା ଉତ୍ସବରେ ମହିଳା କାରାରକ୍ଷୀ କଳ୍ପନା ବେହେରା, ଜମାଦାର ସୁରେନ୍ଦ୍ର ସାମଲ, ସବ୍ ଆସିଷ୍ଟାଣ୍ଟ ଜେଲର ନିନିବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା

**ଦୋବଲ, ୧୫ ।୭ (ସମିସ):** ଦୋବଲ ଜୋନରେ ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ସୋମବାର ଅନୁଷ୍ଠିତ ହୋଇଛି । ଜୋନର ଗୋହିରାଟିକିରି, ମୁସ୍ତାଫାପୁର ପଞ୍ଚାୟତ ଦୋବଲସାହି, ଦେହୁଡି ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ମନ୍ଦିର, ଦୋବଲ ପଞ୍ଚାୟତ କୋଳେଇପଦା, ସୋଧ, କରଦା, ବାଲିପଡ଼ା, ଆଦି ସ୍ଥାନରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପୂଜାର୍ଚ୍ଚନା କରାଯିବା ପରେ ତିନି ଦିଅ ପହଣ୍ଡିରେ ରଥରୁଢ ହୋଇଥିଲେ । ରଥରେ ତିନି ଠାକୁରଙ୍କୁ ଯଥା ରିତିନିତିରେ ପୂଜାର୍ଚ୍ଚନା



କରାଯିବା ପରେ ଶ୍ରଦ୍ଧାଳୁ ମାନେ ରଥଟାଣି ଗୁଣ୍ଡିଚା ମନ୍ଦିରରୁ ରତ୍ନ ବେଦୀକୁ ନେଇଥିଲେ । ସେହିପରି ବାହୁଡା ଯାତ୍ରା ପାଇଁ ବିଭିନ୍ନ ସ୍ଥାନରେ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ଅବସରରେ ବିଭିନ୍ନ ସ୍ଥାନରେ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଛି । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ପୁଲିସ ଦଳ ମୁତୟନ ହୋଇଥିଲା ।

## ମାଉସୀ ମା' ଘରୁ ବାହୁଡ଼ିଲେ ମହାପ୍ରଭୁ

**ଅସୁରାଳି, ୧୫ ।୭ (ସମିସ):** ବେତାଳି ଗାଁରେ ରୀତିନୀତି ଅନୁଯାୟୀ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଠାକୁର ରାଜା ଅଧିକ୍ଷଣ ଯନ୍ତ୍ରୀ ହେମନ୍ତ କୁମାର ମିଶ୍ର ଛେରାପହଁରା କରିଥିଲେ । ଗୁଣ୍ଡିଚା ମା' ମନ୍ଦିର ପୂଜା କମିଟିର ସମ୍ପାଦକ ଅଭୟ କୁମାର ନାୟକ ଏବଂ ଅନ୍ୟ କର୍ମକର୍ତ୍ତା ଓ କମିଟିର ସମସ୍ତ ସଦସ୍ୟମାନଙ୍କର ସହଯୋଗରେ ବାହୁଡାଯାତ୍ରା ସୁରୁଖୁରୁରେ ସମ୍ପାଦନ ହୋଇଥିଲା । ଆଜିର ଏହି ବାହୁଡା ଯାତ୍ରାରେ ପୂର୍ବତନ ସରପଞ୍ଚ ପଞ୍ଚାନନ ମିଶ୍ର, ସୁଶାନ୍ତ କୁମାର ନାୟକ, ଅନିଲ କୁମାର ଦାସ, ପ୍ରାକ୍ତନ ସମିତିସଭ୍ୟ ରମେଶ ଚନ୍ଦ୍ର ବେହେରା, ସରପଞ୍ଚ ଅଜୟ କୁମାର ମଲ୍ଲିକ, ଅବସରପ୍ରାପ୍ତ ଅଧ୍ୟାପକ ବିଭୂତି ଭୂଷଣ ବାରିକ, ତ୍ରିଲୋଚନ ଦାସ, ସମାଜସେବୀ ନିମାଇଁ ଚରଣ ବାରିକ, ବିଦାଧର ବାରିକ, ମୃତ୍ୟୁଞ୍ଜୟ ସାହୁଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ । ସେହିପରି ରଥପୁରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଠାରେ ଠାକୁର ରାଜା



ଇଞ୍ଜିନିୟର ନରହରି ତ୍ରିପାଠୀ ଅସୁସ୍ଥତା ଥିବା ହେତୁ ତାଙ୍କର ହ୍ୱାଇଁ ଛେରାପହଁରା କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ପୂଜା କମିଟିର କର୍ମକର୍ତ୍ତା ଏବଂ ସମସ୍ତ ସଦସ୍ୟ ସଞ୍ଚାଳନ କରିଥିଲେ । ସେହିପରି ଗୋବିନ୍ଦପୁର ଡିହସାହିରେ ରାଜା ଫକୀର ମୋହନ ଜେନା ଛେରାପହଁରା କରିଥିଲେ । ଗୋବିନ୍ଦପୁର ପଟଣା ସାହିରେ ମଧ୍ୟ ଅନୁରୂପ ଭାବେ ବହୁ ଭକ୍ତଙ୍କ ସମାଗମରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହା ଛଡ଼ା ସହିଦନଗର, କୋଠାର, ଅସୁରାଳି, ଧୂଷୁରୀ, ନଦୀଗାଁ, ରହିପୁର ପ୍ରଭୃତି ଆଦି ସ୍ଥାନରେ ହଜାର ହଜାର ଭକ୍ତଙ୍କ ସମାଗମରେ ବାହୁଡା ଯାତ୍ରା ହୋଇଥିଲା ।

## ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା



**ଭଣ୍ଡାରିପୋଖରୀ, ୧୫।୭ (ସମିସ):** ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଭଣ୍ଡାରିପୋଖରୀ ବ୍ଲକର ପୁରପଲ୍ଲୀରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ମଞ୍ଜୁରୀ ବଳଦେବଜୀଉ ମନ୍ଦିରରେ ଅନୁଷ୍ଠିତ ବାହୁଡ଼ା ଯାତ୍ରାରେ ଚୌଧୁରୀ ଦେବପ୍ରସାଦ ରାୟ ମହାପାତ୍ର ଛେରାପହଁରା କରିଥିଲେ । ପହଣ୍ଡି ବିଜେ କରାଯାଇ ଶ୍ରୀଜୀଉଙ୍କୁ ରଥଉପରକୁ ଅଣାଯାଇଥିଲା । ଅଧିକାରୀ ପ୍ରଫୁଲ୍ଲ ଦାସ, ଫକିର ଚରଣ ଧଳ, ପୂଜକ ଗଦାଧର ମିଶ୍ର ଓ ରଘୁନାଥ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ । ପାରମ୍ପାରିକ ରୀତିନୀତି ଅନୁଯାୟୀ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ମାଉସୀ ମା' ମନ୍ଦିରରୁ ରଥ ଟାଣିଥିଲେ । ପୁଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ଗ୍ରାମବାସୀ ଯାତ୍ରା କାର୍ଯ୍ୟ ପରିଚାଳନା କରିଥିଲେ । ସେହିପରି ବ୍ଲକର କୁରାଢ଼ିଆପଦା ଜଗନ୍ନାଥ ମନ୍ଦିର ଓ କୁରିଗାଁଠାରେ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା । ନାଆମୀ ପଞ୍ଚାୟତର ସୋଲାପୁର ଶ୍ରୀଜଗନ୍ନାଥ ମନ୍ଦିରରେ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ଛେରାପହରା କାର୍ଯ୍ୟ ସମ୍ପାଦନ କରିଥିଲେ । ବୟାବନାପୁର ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା । ଭରତ ଚନ୍ଦ୍ର ମହାଳିକଙ୍କ ସହ ଗ୍ରାମବାସୀ ବିଧିମତେ ବାହୁଡା ଯାତ୍ରା ସମ୍ପାଦନା କରିଥିଲେ । ସ୍ଥାନୀୟ ସରପଞ୍ଚ ମିନତୀ ସାହୁ ପ୍ରମୁଖ ରଥଟଣା କାର୍ଯ୍ୟ ତଦାରଖ କରିଥିଲେ । ଏକବୋଲା ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା । ତେସିଙ୍ଗା ପଞ୍ଚାୟତର ବନସ୍ତା, କୁରିଗାଁ, ଝୁଟଣା ଓ ରାଜେନ୍ଦ୍ରପୁର ପଞ୍ଚାୟତର ଅଗେଇବେହେରା, ରାଜେନ୍ଦ୍ରପୁର, ଦେଓପଦା, ରାମଚନ୍ଦ୍ରପୁର ପଞ୍ଚାୟତର ସଁପୋଇ, ମୋବାରକପୁର, ମାଳଦା, ଚତୁର୍ଭୁଜପୁର ଆଦି ସ୍ଥାନରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଛି ।

## ମନ୍ଦିରକୁ ବାହୁଡ଼ିଲେ ତିନି ଠାକୁର



**ବାରିକପୁର :** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଆଜି ପବିତ୍ର ବାହୁଡ଼ା ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଭକ୍ତଙ୍କ ଗହଣରେ ରଥ ଉପରେ ଝୁଲି ଝୁଲି ତିନି ଠାକୁର ମାଉସୀ ମା' ଘରୁ ମନ୍ଦିରକୁ ବାହୁଡ଼ି ଆସିଛନ୍ତି । ବ୍ଲକର ପ୍ରସିଦ୍ଧ ବଳଦେବଜୀଉ ପୀଠ ମଞ୍ଜୁରୀ ଠାରେ ବୈଦିକ ରୀତି ନୀତି ଅନୁସାରେ ଆଜି ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି । ନବଦିନ ବ୍ୟାପୀ ତିନି ଦିଅଁ ମାଉସୀ ମା' ଘରେ ରହିବା ପରେ ଆଜି ଶହଶହ ଭକ୍ତଙ୍କ ଗହଣରେ ମନ୍ଦିର ଅଭିମୁଖେ ବାହାରିଥିଲେ । ଜଗନ୍ନାଥଙ୍କ ପ୍ରସିଦ୍ଧ ବାହୁଡ଼ା ଯାତ୍ରା ଦେଖିବାକୁ ରଣଜିତ୍, ବାଙ୍କମୁହାଁ, କୁମ୍ଭାରିଆ, ନପଙ୍ଗ, ଜୋରାଗଡ଼ିଆ, ମାଳିପଦି, ସିମିଳିଆ, ବାଲିପୋଖରୀ, ଜଗନ୍ନାଥ ପ୍ରସାଦ, ରଘୁନାଥପୁର, ପର୍ବତୀ, ଲକ୍ଷ୍ମୀ ସାଗର, ରାମଚନ୍ଦ୍ରପୁର ପ୍ରମୁଖ ଗ୍ରାମର ଅନେକ ଶ୍ରଦ୍ଧାଳୁ ପୀଠରେ ଉପସ୍ଥିତ ଥିଲେ । ବୟାଁବନାପୁର ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ପାରମ୍ପରିକ ଭାବେ ବାହୁଡା ଯାତ୍ରା ପାଳନ ହୋଇଛି । ସେହିଭଳି ସରସଦା ପଞ୍ଚାୟତ ତୁଳସୀପୁର ଓ ଏକବୋଲା ଠାରେ ମଧ୍ୟ ତିନି ଠାକୁର ବାହୁଡା ଯାତ୍ରାରେ ଆସି ମନ୍ଦିର ପ୍ରବେଶ କରିଛନ୍ତି । ଏତଦବ୍ୟତୀତ ବ୍ଲକର ମାଳଦା, ରହଣିଆ, ରାଢୋ, ରାଜେନ୍ଦ୍ରପୁର, ନାଆମୀ, କୁଲଣା, ବିଷ୍ଣୁପୁର, ଜଳମଣ୍ଡୁଆ, ପାଟୁଳି, ନିର୍ଗୁଣ୍ଡି, କୋରିଗା, ମଣିନାଥପୁର ପ୍ରମୁଖ ଗ୍ରାମମାନଙ୍କରେ ଭାବ ଉଦ୍ଦୀପନାର ସହିତ ଶ୍ରୀ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି ।

## ଆଗରପଡ଼ାରେ ବାହୁଡ଼ାଯାତ୍ରା

**ବନ୍ତ/ଆଗରପଡ଼ା :** ବାହୁଡ଼ାଯାତ୍ରା ଆଗରପଡ଼ା ଠାରେ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ମାଉସୀମା ମନ୍ଦିରରେ ପୂଜାର୍ଚ୍ଚନା ବ୍ରାହ୍ମଣମାନଙ୍କ ଦ୍ୱାରା କରାଯାଇଥିଲା । ଅପରାହ୍ନରେ ଶ୍ରୀଜୀଉମାନଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ କରାଯାଇଥିଲା । ଠାକୁର ରାଜାଙ୍କ ବଡ଼ପୁଅ ସୁପ୍ରିମକୋର୍ଟ ଆଡ଼ଭୋକେଟ ଜଗତମୋହନ ସିଂହ ଛେରାପହଁରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ସନ୍ଧ୍ୟା ସୁଦ୍ଧା ରଥ ଶ୍ରୀମନ୍ଦିରରେ ପହଞ୍ଚିଥିଲା । ପରେ ପ୍ରଭୁମାନେ ରତ୍ନବେଦୀକୁ



ଯାଇଥିଲେ । ବାହୁଡ଼ା ଯାତ୍ରା ପାଇଁ ସମଗ୍ର ଅଞ୍ଚଳରେ ଏକ ଅପୂର୍ବ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଭକ୍ତମାନଙ୍କ ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା । ପାଗ ପ୍ରତିକୂଳ ଥିବା ସତ୍ତ୍ୱେ ବିଭିନ୍ନ ଅଞ୍ଚଳରୁ ବହୁ ଭକ୍ତମାନଙ୍କ ସମାଗମ ହୋଇଥିଲା । ଥାନା ଆଇଆଇସିଙ୍କ ନେତୃତ୍ୱରେ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା । ଅଗ୍ନିଶମ ଅଧିକାରୀ ସହ ଅନ୍ୟ ଅଗ୍ନିକମାନେ ଉପସ୍ଥିତ ଥିଲେ ।

## ନହବରୀ ଗ୍ରାମରେ ବାହୁଡ଼ା ଯାତ୍ରା



**ଧାମନଗର :** ସରେଇ ଚୂଡ଼ାକୁଟି ପଞ୍ଚାୟତ ଅନ୍ତର୍ଗତ ନହବରୀ ଗ୍ରାମରେ ତିନି ଠାକୁରଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାହୁଡ଼ା ଯାତ୍ରାରେ ଘଣ୍ଟଘଣ୍ଟା ହୁଳହୁଳିରେ ରଥ ଟଣା ଆରମ୍ଭ ହୋଇଥିଲା । ଏହି ରଥଯାତ୍ରା ଦୀର୍ଘ ପନ୍ଦର ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ଅନୁଷ୍ଠିତ ହୋଇଆସୁଛି । ଏହି ଉତ୍ସବକୁ ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ପାଳନ କରାଯାଇଛି । ସେହିପରି ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଳନ କରାଯାଇଛି ।

## ବାଇପାସ ଶ୍ରୀଜଗନ୍ନାଥ ମନ୍ଦିରରେ ବାହୁଡ଼ାଯାତ୍ରା



**ଭଦ୍ରକ :** ଭଦ୍ରକ ସହର ସାଳନ୍ଦୀ ବାଇପାସ୍ ଅଞ୍ଚଳର ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଆଜି ବାହୁଡା ଯାତ୍ରା ରୀତିନୀତିରେ ଶେଷ ହୋଇଛି । ଆଜି ରଥ ମାଉସୀ ମା ମନ୍ଦିରରୁ ଗଡ଼ିବା ପୂର୍ବରୁ ଆସିଷ୍ଟାଣ୍ଡ ଇଂଜିନିୟର ଇଂ.ଦୁର୍ଗାପ୍ରସନ୍ନ ତ୍ରିପାଠୀ ଛେରାପହଁରା କରିବା ପରେ ଶ୍ରୀଜୀଉଙ୍କ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ହଜାର ହଜାର ସଂଖ୍ୟକ ପୁରୁଷ, ମହିଳା ଶ୍ରଦ୍ଧାଳୁ ଏହି ରଥଟଣାରେ ସାମିଲ ହୋଇଥିଲେ । ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ, ଏସଡିଓ ରାଇସନ ବେସ୍ରା, ଆଇନଜୀବୀ ଅତିସ କୁମାର ବେହେରା ଓ ସମାଜସେବୀ ଅଶୋକ ଦ୍ୱିବେଦୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସାଳନ୍ଦୀ ବାଇପାସ ଛକ ସ୍ଥିତ ମାଉସୀମାଙ୍କ ମନ୍ଦିରରେ ରଥ ସନ୍ଧ୍ୟାରେ ଆସି ପହଞ୍ଚିଥିଲା ।

# ବିଳମ୍ବିତ କେନାଲ ସଫାକୁ ନେଇ ଚାଷୀ ଅସନ୍ତୋଷ

**ବାରିକପୁର, ୧୫ ।୭ (ସମିସ):** ଚଳିତ ବର୍ଷ ବର୍ଷାର ଲୁଚକାଳି ଖେଳ ଚାଷୀଙ୍କୁ କାଳ ପାଲଟିଛି । ଏଥିପାଇଁ ଚାଷୀ ମାନେ କୃଷି କ୍ଷେତ୍ରର ବେଉଷଣ କାର୍ଯ୍ୟ କରି ପାରୁନାହାନ୍ତି । ଯେଉଁଠା କିଛି ମାତ୍ରାରେ ଖରାଟିଆ ତଳି ପଡ଼ିଥିଲା ତାହା ପାଣି ଅଭାବରୁ ନଷ୍ଟ ହେବାକୁ ବସିଛି । କେବଳ କେନାଲ ପାଣି ଚାଷୀଙ୍କ ଏକମାତ୍ର ଭରସା ପାଲଟିଛି । ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୩ନମ୍ବର ମୁଖ୍ୟ କେନାଲଟି ଏବେ ୪ଗୋଟି ବ୍ଲକର ଚାଷ ଜମିକୁ ପାଣି ଯୋଗାଇବାର ଏକ ମାତ୍ର ମାଧ୍ୟମ ପାଲଟିଛି । ବୈତରଣୀ ଆଖୁଆପଦା ଆନିକଟ ଠାରୁ ଗତ ଦୁଇ ଦିନ ହେବ କେନାଲକୁ ପାଣି ଆସୁଥିବା ବେଳେ ତଳି ବଞ୍ଚାଇବା ପାଇଁ ଚାଷୀ ମାନଙ୍କ ମନରେ ଏହା ଆଶା ସଞ୍ଚାର କରିଛି । ପରିତାପର ବିଷୟ ମୁଖ୍ୟ କେନାଲ ସଂଲଗ୍ନ ଅନ୍ୟ ଶାଖା କେନାଲ ଗୁଡିକୁ



ଏବେ ଜଳସମ୍ପଦ ବିଭାଗ ପକ୍ଷରୁ ସଫେଇ କରାଯାଉଛି । ଯାହାକି କେନାଲ ପାଣି ଆସିବାକୁ ସମସ୍ୟା ସୃଷ୍ଟି କରିବ । ସୂଚନା ମୁତାବକ ବାରିକପୁର, ଭଦ୍ରକ, ଧାମନଗର, ଭଣ୍ଡାରିପୋଖରୀ, ଆଖୁଆପଦା ଜଳସମ୍ପଦ ବିଭାଗ ଦ୍ୱାରା ଏବେ କ୍ରମାନ୍ୱୟରେ ୧ ନମ୍ବର ଠାରୁ ଆରମ୍ଭ କରି ୮ ନମ୍ବର କେନାଲ ଯାଏଁ ସଫା ପାଇଁ ବ୍ୟବସ୍ଥା କରାଯାଇଛି । ଏହା ଛଡ଼ା ବିଭିନ୍ନ ମାଇନର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ଯଦିଓ କିଛି କେନାଲ ସଫା ହୋଇଛି କିନ୍ତୁ କାମ ଅତି ତରବରିଆ ଭାବେ ହୋଇଥିବା ଜଣାପଡ଼ିଛି । କେନାଲ ଗର୍ଭରୁ ଇଞ୍ଚେ ଦୁଇ ଇଞ୍ଚ ମାଟି ଉଠା ଯାଇଥିବା ବେଳେ ବନ୍ଧ ଦୁଇ ପାର୍ଶ୍ୱରେ ଗୁଳ୍ମ ଲତା ପୂର୍ବ ଭଳି ଭର୍ତ୍ତି ହୋଇ ରହିଛି । ଲୋକଙ୍କ ଚାପରେ ବିଭାଗ ଏବେ କିଛି ଶାଖା କେନାଲ ଗୁଡିକୁ ପାଣି ଛାଡି ଥିବା ବେଳେ ଏପଟେ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ । ଚଳିତ ବର୍ଷ ବର୍ଷାର ଅନିୟମିତତା ଯୋଗୁଁ ଅତି ସଙ୍କଟାପନ୍ନ ସ୍ଥିତିରେ ଚାଷୀ ଗତି କରୁଥିବା ବେଳେ ବିଳମ୍ବିତ କେନାଲ ସଫେଇ କାମକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି । ଏପଟେ ଚାଷୀଙ୍କ ସାର୍ଥକୁ ଜଳାଞ୍ଜଳି ଦେଇ ଜଳସମ୍ପଦ ବିଭାଗ ପ୍ରତ୍ୟେକ ବର୍ଷ ଏଭଳି ଦାୟିତ୍ୱହୀନ କାର୍ଯ୍ୟ କରୁଥିବା ଜିଲ୍ଲା ପୂର୍ବତନ ଭାଜପା ସଭାପତି ତଥା ବିଜେପି ନେତା ଅକ୍ଷୟ ସାହୁ ଅଭିଯୋଗ କରିଛନ୍ତି । ମାସେ ଦୁଇ ମାସ ପୂର୍ବେ କାମ ପାଇଁ ଟେଣ୍ଡର ହୋଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲେ ସୁଦ୍ଧା ବିଳମ୍ବରେ କାମ ଆରମ୍ଭ ହେବା ବିଭାଗୀୟ ଅଧିକାରୀଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରିକି ଏଭଳି ତ୍ରୁଟିଯୁକ୍ତ କାର୍ଯ୍ୟ ପାଇଁ ଠିକାଦାର ଓ ଉପଖଣ୍ଡ ସ୍ତରୀୟ ଯନ୍ତ୍ରୀଙ୍କ ମଧ୍ୟରେ ଏକ ଅଦୃଶ୍ୟ ବୁଝାମଣା ହେଉଥିବା ସେ କହିଛନ୍ତି । ତେଣୁ ଚାଷୀଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏହା ଉପରେ ଉଚ୍ଚ ପଦସ୍ଥ ଯନ୍ତ୍ରୀ ଓ ବିଭାଗୀୟ ସଚିବ ଦୃଷ୍ଟି ଦେବାକୁ ଶ୍ରୀ ସାହୁ ଦାବି କରିଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଆଶା ସଞ୍ଚାର

# ମୁସ୍ତାଫାପୁରରୁ ହେବ ଜବରଦଖଲ ଉଚ୍ଛେଦ!

**ଦୋବଲ, ୧୫ ।୭ (ସମିସ):** ରାଜ୍ୟର ସମସ୍ତ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିବା ପରେ ଦୋବଲବାସୀଙ୍କ ମଧ୍ୟର ନୂଆ ଆଶା ସଞ୍ଚାର ହୋଇଛି । ଦୀର୍ଘ ବର୍ଷ ହେଲା ୨୩ ଏକର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ଲାଗି ସରକାର ପଦକ୍ଷେପ ନେବେ ବୋଲି ଲୋକେ ଆଶାବାଦୀ ହୋଇ ପଡ଼ିଛନ୍ତି । ସୋଧ ରାଜସ୍ୱ ସର୍କଲ ଅଧୀନ ମୁସ୍ତଫାପୁର ମୌଜାର ଖାତା ନମ୍ବର ୬୨୪ରେ ଥିବା ସରକାରୀ ଜମିରୁ ୨୩ ଏକର ଜମିକୁ କିଛି ଲୋକ ବର୍ଷ ବର୍ଷ ଧରି ଜବରଦଖଲ କରି ରଖି ଆସିଛନ୍ତି । ଏପରିକି କିଛି ଲୋକ ଏହା ଉପରେ ଘର କରିସାରିଛନ୍ତି । ପ୍ରାୟ ୫୦ରୁ ୬୦ଟି ପରିବାର ଏହି ସରକାରୀ ଜମିରେ ଘର କରି ରହୁଛନ୍ତି । ତା' ସହିତ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର, ଗୋଟିଏ ମଦ୍ରାସା, ୟୁନାନୀ ମେଡିକାଲ ଓ ଏବେ ଏବେ ନୂଆ ବସଷ୍ଟାଣ୍ଡ ନିର୍ମାଣ ଲାଗି ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି ।

ମୁସ୍ତଫାପୁର ଘୋଡ଼ାଗଣ୍ଡନାଳ ପାଖରୁ ଧାମନଗର କଲେଜ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ୨୩ ଏକର ଜମିରୁ ଅଧିକାଂଶ ଗୋଚର ଜମି । ତା' ପଛକୁ ଅନାବାଦୀ ଓ ଗ୍ରାମ୍ୟ ଜଙ୍ଗଲ କିସମର ଜମି ରହିଛି । ଧିରେ ଧିରେ କିଛି ମୁଷ୍ଟିମେୟ ଲୋକ ଜଣକ ପରେ ଜଣେ ଘର କରି ଏବେ ଗୋଟିଏ ବିରାଟ ବସ୍ତି କରି ସାରିଛନ୍ତି । ଏହି ସବୁ ଜମିରୁ ଜବରଦଖଲ ଉଚ୍ଛେଦ ଲାଗି ଧାମନଗର ତହସିଲଦାର, ଭଦ୍ରକ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରାଯାଇଥିଲା । ସରକାରଙ୍କ ପକ୍ଷରୁ କୌଣସି ପଦେକ୍ଷପ ନିଆ ନଯିବାରୁ ଦୋବଲ ଅଞ୍ଚଳର ଜଣେ ବ୍ୟକ୍ତି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ୨୦୨୧ ମସିହା ମେ' ୩୧ରେ କୋର୍ଟ ଏହାର ଶୁଣାଣି କରି ୨ ମାସ ମଧ୍ୟରେ ସରକାରୀ ଜମିକୁ ଚିହ୍ନଟ କରି ଜବରଦଖଲ ଉଚ୍ଛେଦ କରିବାକୁ ଜିଲ୍ଲାପାଳ ଓ ଧାମନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲ ଭଦ୍ରକ ଜିଲ୍ଲାପାଳ ଏହା ଉପରେ ପଦକ୍ଷେପ ନେବା ପରିବର୍ତ୍ତେ ଚୁପ୍ ରହିଲେ । ଏଣୁ ଆବେଦନକାରୀ ୨୦୨୧ ସେପ୍ଟେମ୍ବରରେ ପୁଣି କୋର୍ଟଙ୍କ ଦ୍ୱାରସ୍ଥ ହେଲେ । କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଜିଲ୍ଲାପାଳ ଓ ଅନ୍ୟ



ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ଆବେଦନକାରୀ ନିବେଦନ କରିଥିଲେ । କୋର୍ଟ ଏହାର ଶୁଣାଣି କରି ଜାନୁଆରୀ ୧୨, ୨୦୨୨ ସୁଦ୍ଧା କ'ଣ ପଦକ୍ଷେପ ନେଇଛ ଜଣାଇବା ଲାଗି ଭଦ୍ରକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୋର୍ଟଙ୍କ ଏହି ନିର୍ଦ୍ଦେଶ ଦେଖି ଭଦ୍ରକ ଜିଲ୍ଲାପାଳ ଅନ୍ୟ କୌଣସି ଉପାୟ ନ ପାଇ ୨୦୨୧ ଡିସେମ୍ବର ୩୧ତାରିଖରେ ଜବରଦଖଲ ଉଚ୍ଛେଦ କରିବା ଲାଗି ଯୋଜନା କରିଥିଲେ । ଏ ବାବଦରେ ଭଦ୍ରକ ଜିଲ୍ଲାପାଳ ଧାମନଗର ଥାନାକୁ ଜଣାଇବା ସହ ସୁରକ୍ଷାକର୍ମୀ ଯୋଗାଇଦେବାକୁ ଚିଠି କରିଥିଲେ । ତା ସହିତ ଉପଜିଲ୍ଲାପାଳ ମନୋଜ ପାତ୍ରଙ୍କୁ ମାଜିଷ୍ଟ୍ରେଟ୍ ଭାବେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ସମାପନ କରିବାକୁ କ୍ଷମତା ଦେଇଥିଲେ । ଏଣୁ ଏଥିଲାଗି ଧାମନଗର ତହସିଲ ଜବରଦଖଲକାରୀଙ୍କୁ ନୋଟିସ୍ ଦେଇଥିଲା । ଯେଉଁମାନେ ଜବରଦଖଲ କରିଥିଲେ ସେମାନେ ନିଜ ନିଜ ଘରୁ ଜିନିଷପତ୍ର ଅନ୍ୟ ଆଡ଼େ ନେଇଯାଇଥିଲେ । ହେଲେ ରାଜେନ÷ତିକ ଚାପରେ ଜବରଦଖଲ ଉଚ୍ଛେଦ ଗଡ଼ି ଯାଇଥିଲା । ଆବେଦନକାରୀ ପୁଣି କୋର୍ଟକୁ ଯିବାରୁ ସ୍ଥାନୀୟ ପ୍ରଶାସନ ଅନ୍ୟ ଉପାୟ ନ ପାଇ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ଆସି ଜବରଦଖଲ ଉଚ୍ଛେଦ ଆରମ୍ଭ କରିଥିଲେ । ଗୋଟିଏ ଦୁଇଟି ଘର ଭାଙ୍ଗି ପୂରା ଜବରଦଖଲ ଉଚ୍ଛେଦ କରାଯାଇଛି ବୋଲି ରିପୋର୍ଟ ଦେଇଦେଲେ । ସେବେଠାରୁ ଜବରଦଖଲ ଉଚ୍ଛେଦ ବନ୍ଦ ରହିଛି । ଏଣେ ଆବେଦନକାରୀ ପୁଣି କୋଟଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି । ଏବେ ମୁଖ୍ୟମନ୍ତ୍ରୀ ଜବରଦଖଲ ଉଚ୍ଛେଦ ଘୋଷଣା କରିବା ପରେ ସ୍ଥାନୀୟ ଲୋକେ ଚାହିଁ ବସିଛନ୍ତି ଧାମନଗର ତହସିଲଦାରଙ୍କ ପଦକ୍ଷେପକୁ । ସେପଟେ ତହସିଲଦାର ଦୀପକ ଦାସ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନର ପରାମର୍ଶରେ ଯାହା କିଛି ପଦକ୍ଷେପ ନିଆଯିବ ।

# ପତିତପାବନ କ୍ଷେତ୍ରରେ ବାହୁଡ଼ା ଯାତ୍ରା



**ରାମଚନ୍ଦ୍ରପୁର,** ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ପତିତପାବନ କ୍ଷେତ୍ରରେ ଆଜି ବାହୁଡା ଯାତ୍ରା ସମାପନ ହୋଇଛି। ଚତୁର୍ଦ୍ଧା ମୂରତି ମା'ଧନେଇ ପୀଠ ନିକଟ ଗୁଣ୍ଡିଚା ମଣ୍ଡପରୁ ନବଦିନ ପରେ ବଡଦେଉଳକୁ ବାହୁଡି ଆସିଛନ୍ତି। ଆଜି ପ୍ରଭାତରୁ ବ୍ରାହ୍ମଣ ଦିଗମ୍ବର ମିଶ୍ରଙ୍କ ଦ୍ୱାରା ଦୁଆରଫିଟା, ଅବକାଶ, ମଇଲମ ଲାଗି ଓ ନୀତିକାନ୍ତି ପରେ ପ୍ରଥମ ଧୂପ ଲାଗି ହୋଇଥିଲା। ମଧ୍ୟାହ୍ନ ଭୋଗ ଲାଗି ପରେ ଭକ୍ତ ମାନେ ଦର୍ଶନ ଓ ଭୋଗ ଲଗାଇଥିଲେ। ଅପରାହ୍ନ ୫ଟାରେ ରାଜ ନଅରରୁ ପାଟ ପଟୁଆରରେ ଠାକୁର ରାଜା ଅକ୍ଷୟକୁମାର ଧୀର ଆସି ଗୁଣ୍ଡିଚା ମଣ୍ଡପରେ ବିଶେଷ ପୂଜାର୍ଚ୍ଚନା କରିବା ସହ ଛେରାପହଁରା କରି ଚତୁର୍ଦ୍ଧା ମୂରତୀକୁ ରଥ ଉପରକୁ ପାଛୋଟି ନେଇଥିଲେ। ଆଚାର୍ଯ୍ୟ ଲକ୍ଷ୍ମୀଧର ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା ଦିଅଁଙ୍କୁ ଧାଡି ପହଣ୍ଡି କରି ରଥାରୁଢ କରାଇଥିଲେ। ଡାହୁକ ବେଣୁଧର ସା'ଙ୍କ ନିର୍ଦ୍ଦେଶରେ ଶ୍ରଦ୍ଧାଳୁ ଭକ୍ତ ରଥକୁ ଗାଁ ଦାଣ୍ଡରେ ଟାଣି ନେଇଥିଲେ। ଆସନ୍ତାକାଲି ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବା ସହ ତହିଁ ପରଦିନ ଅଧରପଣା ଏବଂ ଶୁକ୍ରବାର ନିଳାଦ୍ରି ବିଜେ କରିବେ ବୋଲି ଜଣାପଡ଼ିଛି। ବାହୁଡା ଯାତ୍ରାରେ ମନ୍ଦିର ପରିଚାଳନା ସମିତି ସଭାପତି ଆଶୁତୋଶ ମାଝୀ, ସନ୍ତୋଷ କୁମାର ଧୀର, ବାଦଲ ପଟ୍ଟନାୟକ, ପ୍ରଦିପକୁମାର ନାୟକ, ସୁରଥ ଧୀର, ଅଭିଷେକ ମାଝୀ, ନାରାୟଣ ସେନାପତି, ରଣଜିତ ଧୀର, ପିକେଶ ମାଝୀ, ସୁକାନ୍ତ ଜେନା, ସମ୍ବିତ ମାଝୀ, ପ୍ରଦିପ କୁମାର ଧୀର, ବୈଷ୍ଣବ ସେନାପତି, ଅନିଲ ଦଳେଇ, ଲାଲମୋହନ ପାଣି, ସୁରେଶ ମଲ୍ଲିକ, ସଞ୍ଜୟ ସେନାପତି, ଗୋବିନ୍ଦ ମଲ୍ଲିକ, ମଳୟ ଜେନା, ନାଣ୍ଟୁଚରଣ ଜେନା, ଭିମସେନ ମାଝୀ, ଗୋଲଖ ବେହେରା, ଗଜେନ୍ଦ୍ର ଦଳେଇ, ଅଭିମନ୍ୟୁ ବିନ୍ଧାଣୀ, ଅନିଲ ଦଳେଇ ସମେତ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

# ରତ୍ନବେଦୀକୁ ବାହୁଡ଼ିଲେ ଶ୍ରୀଜୀଉ



**ତେଲକୋଇ, ୧୫।୭ (ସମିସ):** ତେଲକୋଇ ସଦର ମହକୁମାଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବାହୁଡା ଯାତ ମହାସମାରୋହରେ ଅନୁଷ୍ଠିତ ହୋଇଯାଉଛି। ୯ ଦିନର ଲୀଳା ଖେଳା ସାରି ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଛନ୍ତି ଚର୍ତୁଦ୍ଧା ମୂର୍ତ୍ତୀ। ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ସହିତ ପହଣ୍ଡି ସରିବା ପରେ ରଥାରୁଢ଼ ତିନି ଠାକୁରଙ୍କୁ ଭକ୍ତ ଟାଣି ଟାଣି ରତ୍ନବେଦୀ ଅଭିମୁଖେ ନେଇଥିଲେ। ଏହି ଅବସରରେ ଭକ୍ତ ଓ ଭଗବାନଙ୍କ ମହା ମିଳନ ହୋଇଥିଲା। ତେଲକୋଇ ଅଞ୍ଚଳର ପାଞ୍ଚ ହଜାରରୁ ଅଧିକ ଭକ୍ତ ମହାପ୍ରଭୁଙ୍କ ବାହୁଡା ଯାତରେ ଯୋଗ ଦେଇଥିଲେ। ଆଇନ ଶୃଙ୍ଖଳା ସୁରକ୍ଷା ପାଇଁ ତେଲକୋଇ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ବିଭିନ୍ନ ପ୍ରକାର ସହଯୋଗ କରାଯାଇଥିଲା। ଏହା ସହିତ ବ୍ଲକର ଆକୁଳ, ତାଳପଦା, ପୋଡାଙ୍ଗ, ଝାଟିକି ପଶି ନୂଆଗାଁ ଆଦି ଗ୍ରାମରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ବାହୁଡ଼ିଲେ ଚତୁର୍ଦ୍ଧାମୂରତି



**ହାଟଡିହୀ:** ହାଟଡିହୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଶ୍ରୀଜୀଉଙ୍କ ପବିତ୍ର ବାହୁଡ଼ା ଯାତ୍ରାର ମହାପର୍ବଟି ବଡ଼ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ବର୍ଷକରେ ଥରେ ଏହି ଦୁର୍ଲଭ ଦର୍ଶନ ଦେଖିବାକୁ ମିଳୁଥିବାରୁ ବଞ୍ଚୋ, ଢେଙ୍କା, ହଦଗଡ଼, ଜମ୍ବରା, ମୁଗୁପୁର, ଆବୁଲପୁରା, ହାଟଡିହୀ ଆଦି ସ୍ଥାନ ମାନଙ୍କରେ ହଜାର ହଜାର ଭକ୍ତଙ୍କ ଅହେତୁକ ଭିଡ଼ ଦେଖିବାକୁ ମିଳିଥାଏ। ରଥାରୁଢ ଚତୁର୍ଦ୍ଧାମୂରତୀଙ୍କୁ ସ୍ୱଚକ୍ଷୁରେ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିବା ସହିତ ତାଙ୍କ ବଡ଼ ଦାଣ୍ଡରେ ପାଦ ରଖି ରଥ ଦଉଡିକୁ ଛୁଇଁ ଦେଲେ ସବୁ ପାପ ଧୋଇ ହୋଇଯାଏ ବୋଲି ବିଶ୍ୱାସ ରହିଛି। ବାହୁଡ଼ା ଯାତ୍ରା ପାଇଁ ନିର୍ଘଣ୍ଟ ନୀତି ଅନୁଯାୟୀ, ପ୍ରାତଃ ସମୟରୁ ମଙ୍ଗଳଆଳତି, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ, ବେଶଶେଷ, ଗୋପାଳ ବଲ୍ଲଭ ଓ ସକାଳ ଧୂପ ହୋଇଥିଲା। ଏହାସହ ମଙ୍ଗଳାର୍ପଣ ଏବଂ ଅପରାହ୍ନରେ ବାହୁଡାପହଣ୍ଡି ପରେ ଛେରାପହଁରା କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇ ରଥଟଣା ହୋଇଥିଲା। ହାଟଡ଼ିହୀ ଅଞ୍ଚଳର ବଞ୍ଚୋ ଓ ଢେଙ୍କା ଭଳି ୨ଟି ସ୍ଥାନରେ ବଡ଼ ରଥ ହେଉଥିବାରୁ ଆଶା ଠାରୁ ଅଧିକ ଲୋକଙ୍କ ଭିଡ଼ ଜମିଥାଏ। ଉଭୟ ସ୍ଥାନରେ ଶାନ୍ତିଶୃଙ୍ଖଳାର କଡ଼ା ବ୍ୟବସ୍ଥା ପାଇଁ ପୁଲିସ ବାହିନୀ ମୁତୟନ ହେବା ସହିତ ଜରୁରୀକାଳୀନ ପରିସ୍ଥିତି ପାଇଁ ଦମକଳ ବାହିନୀ ଓ ଆମ୍ବୁଲାନ୍ସ ସେବା ମଧ୍ୟ ଉପଲବ୍ଧ ରହିଥାଏ।

# ସରିଲା ମାଉସୀ ଘର ଲୀଳାଖେଳା



**ଚମ୍ପୁଆ:** ଆଜି ପବିତ୍ର ବାହୁଡା ଯାତ୍ରା। ନଅ ଦିନ ଧରି ମାଉସୀମା ଘରେ ଲୀଳାଖେଳା ସାରି ବାହୁଡିଲେ ମହାବାହୁ। ହଜାର ହଜାର ଭକ୍ତଙ୍କ ଗହଣରେ ଶଙ୍ଖ ଓ ଘଣ୍ଟର ତାଳେ ତାଳେ ପ୍ରଭୂ ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସଙ୍ଗରେ ନେଇ ରଥାରୁଢ ହୋଇ ମନ୍ଦିରକୁ ଫେରିଛନ୍ତି। ଚମ୍ପୁଆ ସ୍ଥିତ ଯାତ୍ରାପଡ଼ିଆ ଠାରେ ଏହି ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦିନସାରାର ନୀତିକାନ୍ତି ପରେ ଅପରାହ୍ନରେ ତିନିଠାକୁରଙ୍କ ପହଣ୍ଡି ବିଜେ କରି ରଥରୂଢ଼ କରାଯାଇଥିଲା। ସ୍ଥାନୀୟ ତହସିଲଦାର ଧର୍ମେନ୍ଦ୍ର ଶତପଥି ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଜୟଜଗନ୍ନାଥ ଧ୍ୱନିଦେଇ ଭକ୍ତି ଓ ଶ୍ରଦ୍ଧାର ସହିତ ରଥ ଟାଣିଥିଲେ। ଏହି ବାହୁଡା ଯାତ୍ରାରେ ସ୍ଥାନୀୟ ଅଞ୍ଚଳ ସମେତ ମୟୂରଭଞ୍ଜ, ଝାଡଖଣ୍ଡ ଆଦି ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲେ।

# ବାହୁଡ଼ା ରଥରେ ବାହୁଡ଼ିଲେ ଶ୍ରୀଜୀଉ

**କେନ୍ଦୁଝର, ୧୫।୭ (ସମିସ)**







କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ବାହୁଡାଯାତ୍ରା ସୋମବାର ପାରମ୍ପରିକ ରୀତିନୀତିରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ଦେଖିବାକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଲକ୍ଷାଧିକ ଭକ୍ତଙ୍କର ଭିଡ଼ ହୋଇଥିଲା। ସକାଳ ୪ଟାରୁ ଶ୍ରୀଜୀଉମାନଙ୍କର ଅବକାଶ, ୫ଟାରେ ଲୁଗାଲାଗି, ୯ ଘଟିକାରେ ଧୂପ, ୧୦ଟାରେ ପୁଷ୍ପାଞ୍ଜଳି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହାପରେ ଚକାଭିଡ଼ା କରାଯାଇ ୨ଟା ପରେ ଧାଡ଼ି ପହଣ୍ଡିରେ ଠାକୁରମାନଙ୍କୁ ପହଣ୍ଡି କାର୍ଯ୍ୟ କରାଯାଇ ରଥରୁଢ଼ କରାଯାଇଥିଲା। ପହଣ୍ଡି ସମୟରେ କେନ୍ଦୁଝର ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓ ପୁଷ୍ପାଞ୍ଜଳି ଦେବା ପରେ ଘଣ୍ଟଘଣ୍ଟା, ଖୋଳକୀର୍ତ୍ତନ ଓ ଭକ୍ତଙ୍କର ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଧାଡ଼ି ପହଣ୍ଡି ଯୋଗେ ପ୍ରଥମେ ପ୍ରଭୁ ସୁଦର୍ଶନ, ପରେ ପ୍ରଭୁ ବଳଦେବଜୀଉ, ମାତା ସୁଭଦ୍ରା ଓ ଶେଷରେ କାଳିଆ ଠାକୁର ଶ୍ରୀଜଗନ୍ନାଥଙ୍କୁ ପହଣ୍ଡିଆ ସେବକମାନେ ରଥ ଚାରିପଟେ ପ୍ରଦକ୍ଷିଣ କରିବା ପରେ ରଥାରୁଢ କରାଯାଇଥିଲା। ପହଣ୍ଡିପରେ ରଥ ଉପରେ ଚକାଭିଡ଼ା କାର୍ଯ୍ୟକ୍ରମ ଶେଷ ହେବା ପରେ ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟ ଶେଷ ହୋଇଥିଲା। ତା'ପରେ ଘୋଡ଼ାଯୋଚା କରି ଅପରାହ୍ନ ୪.୩୦ରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ କେନ୍ଦୁଝରର ସ୍ୱତନ୍ତ୍ର ସିଆଡ଼ି ଲତାରେ ତିଆରି ଦଉଡ଼ିରେ ରଥ ଟାଣିବାକୁ ବ୍ୟାକୁଳ ହେଉଥିବା ଦେଖାଯାଇଥିଲା। ରଥ ବଡ଼ଦାଣ୍ଡରେ ଆଗକୁ ଗଡ଼ି ଗଳଗଣ୍ଡି ନିକଟରେ ପାରମ୍ପରିକ ଭୋଗନୀତି ପାଇଁ ଅଟକି ରହିଥିଲା। ସେହିପରି ବଡ଼ଦାଣ୍ଡ ମଧ୍ୟସ୍ଥଳରେ ଶ୍ରୀଜୀଉମାନଙ୍କୁ ପୋଡ଼ପିଠା ଲାଗି କରାଯିବା ପରେ ରଥଟଣା ପୁନଶ୍ଚ ଆରମ୍ଭ ହୋଇ ସନ୍ଧ୍ୟା ୫.୩୦ରେ ରଥ ଶ୍ରୀମନ୍ଦିର ନିକଟକୁ ପହଞ୍ଚିଥିଲା। ତେବେ ବାହୁଡାଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ବଡଦେଉଳକୁ ରାସ୍ତା ଗଡ଼ାଣିଆ ଥିବାରୁ ରଥକୁ ଶୃଙ୍ଖଳିତ ଭାବରେ ଟାଣିବା ପାଇଁ ପୁଲିସ, ସ୍ୱେଚ୍ଛାସେବୀ, ସେବାୟତ ଓ ରଥ ମହାରଣାମାନଙ୍କୁ ବେଶ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥିଲା। ସନ୍ଧ୍ୟାରେ ବଳଦେବଜୀଉଙ୍କ ରଥ ମନ୍ଦିର ନିକଟରେ ପହଞ୍ଚିଥିବା ବେଳେ ବଡ଼ ଦେଉଳରୁ ମା' ଲକ୍ଷ୍ମୀ ସାଆନ୍ତାଣୀ ତାଙ୍କର ସେବକମାନଙ୍କ ଗହଣରେ ଆସି ରଥ ସମ୍ମୁଖରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ପରେ ମା' ଲକ୍ଷ୍ମୀ ରଥ ପରିକ୍ରମା କରି ବଡ଼ ଦେଉଳକୁ ଫେରିଯାଇଥିଲେ। ତତ୍‌ପରେ ମା'ଲକ୍ଷ୍ମୀଙ୍କ ପକ୍ଷରୁ ରଥ ଉପରକୁ ପଣା ହାଣ୍ଡି ଆଣି ଶ୍ରୀଜୀଉମାନଙ୍କୁ ଲାଗି ହୋଇଥିଲା। ବାହୁଡା ଯାତ୍ରା ଏବଂ ସମସ୍ତ ନୀତିକାନ୍ତି ଶାନ୍ତିଶୃଙ୍ଖଳର ସହିତ ସମାପନ ହୋଇଛି। ବାହୁଡା ଯାତ୍ରା ଦେଖିବାକୁ ଜିଲ୍ଲା ଓ ଜିଲ୍ଲା ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଘୁଙ୍ଗୁରୁ କ୍ଲବଠାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ଇଲେଭେନ୍ ବୁଲେଟ୍ କ୍ଲବ ପକ୍ଷରୁ ଭକ୍ତମାନଙ୍କୁ ମାଗଣା ପ୍ରସାଦ ବିତରଣ କରାଯାଇଥିବାବେଳେ ବଡ଼ଦାଣ୍ଡରେ ଯଙ୍ଗ ଜିନିୟସ କ୍ଲବ ପକ୍ଷରୁ ପ୍ରସାଦ ବଣ୍ଟନ କରାଯାଇଥିଲା। ରଥ ବେଞ୍ଚ, ଶ୍ରୀଗୋପାଳଜୀଉ ମଠ ଓ ଅନ୍ୟ ସମାଜସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜପୁରୋହିତ ପ୍ରସନ୍ନ କୁମାର ନନ୍ଦ, ବ୍ରହ୍ମା ଗଙ୍ଗାଧର ମିଶ୍ର, ବଡପଣ୍ଡା ରାଜକିଶୋର ପଣ୍ଡା, ରାଜ ପୁରୋହିତ ବରିଷ୍ଠ ପୂଜାପଣ୍ଡା ମାନଙ୍କ ସହିତ ପୂଜାପଣ୍ଡା, ସୁଆର, ଖୁଣ୍ଟିଆ ସେବକମାନେ ସେବା ଯୋଗାଇଥିଲେ। ପହଣ୍ଡିଆ ସେବକମାନଙ୍କ ଦ୍ୱାରା ପହଣ୍ଡି କାର୍ଯ୍ୟ ଯଥାରିତି ସମାପନ ହୋଇଥିଲା। ରଥଟଣାକୁ ସୂଚାରୁରୂପେ ସମ୍ପାଦନ ପାଇଁ ଜିଲ୍ଲାପାଳ ବିଶାଲ ସିଂହ, ଏସ୍‌ପି ନିତିନ କୁଶଲକର, ଡିଏଫ୍‌ଓ ଧନରାଜ ଏଚ୍‌ଡି ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସୌମକ ସାର୍ଥକ ମିଶ୍ର, ଅତିରିକ୍ତ ଏସ୍‌ପି ଅଟକୋ କୁଜୁର, ସଦର ଏସ୍‌ଡିପିଓ ମହେନ୍ଦ୍ର ମୁର୍ମୁ, ଡିଆଇବି ଡିଏସ୍‌ପି ଭୁକ୍ତା, ପୌରପାଳିକା ନିର୍ବାହୀ ଅଧିକାରୀ, ମାଜିଷ୍ଟ୍ରେଟମାନଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ରଥ ଟଣା କାର୍ଯ୍ୟବେଳେ ଏନ୍‌ସିସି, ସ୍କାଉଟ ଗାଇଡ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟ ସଦସ୍ୟାମାନେ ସେବା ଯୋଗାଇଦେଇଥିଲେ। ବରିଷ୍ଠ ସାମ୍ବାଦିକ ଦେବାଶିଷ ମିଶ୍ର ରଥ ପରିଚାଳନା କରିଥିଲେ। କେନ୍ଦୁଝରରେ ବଳଦେବଜୀଉଙ୍କ ରଥ ଯାତ୍ରା ବ୍ୟତୀତ ଜିଲ୍ଲାର ଅନେକ ସ୍ଥାନରେ ବାହୁଡ଼ା ଯାତ୍ରା ସମ୍ପର୍ଣ୍ଣ ହୋଇଛି। ଅନ୍ୟପକ୍ଷରେ ଆସନ୍ତା ବୁଧବାର ଏକାଦଶୀରେ ଶ୍ରୀଜୀଉମାନଙ୍କର ରଥ ଉପରେ ପବିତ୍ର ସୁନାବେଶ ହେବ। ସେଦିନ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀ ଜୀଉଙ୍କର ପବିତ୍ର ସୁନାବେଶ ଅନୁଷ୍ଠିତ ହେବ। ସୁନାବେଶରେ ଲକ୍ଷାଧିକ ଭକ୍ତଙ୍କର ଗହଳିକୁ ଅନୁମାନ କରି ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ, ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ଶ୍ରୀଜୀଉମାନେ ସ୍ୱର୍ଣ୍ଣ ଅଳଙ୍କାରରେ ଆଭୁଷିତ ହୋଇ ପ୍ରଭୁଙ୍କ ସୁନାବେଶ ଦେଖିବା ପାଇଁ ଭକ୍ତମାନେ ଉତ୍ସାହର ସହିତ ଅନାଇ ବସିଛନ୍ତି।

## ଚାହାଣି ମଣ୍ଡପରୁ ଜଗନ୍ନାଥଙ୍କୁ ଦର୍ଶନ କଲେ ମା' ଲକ୍ଷ୍ମୀ





# ଭାବଭକ୍ତିରେ ପାଳିତ ହେଲା ବାହୁଡ଼ା ଯାତ୍ରା



**ଆନନ୍ଦପୁର:** ଆନନ୍ଦପୁରରେ ଭାବ ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଛି ବାହୁଡା ଯାତ୍ରା। ଆସନ୍ତା ୧୭ ତାରିଖରେ ସୁନାବେଶ ଅନୁଷ୍ଠିତ ହେବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ କାର୍ଯ୍ୟ ନିର୍ଘଣ୍ଟ କରାଯାଇଛି। ଆଜି ବାହୁଡା ଯାତ୍ରା ଅବସରରେ ଶ୍ରୀଜୀଉମାନେ ନବଦିନାତ୍ମକ ମାନବୀୟ ଲୀଳା ଓ ପତିତଜନଙ୍କୁ ଦର୍ଶନ ଦେଇ ମାଉସୀ ବାଡିରୁ ଚତୁର୍ଦ୍ଧାମୂରତି ଧାଡ଼ି ପହଣ୍ଡିରେ ରଥାରୁଢ ହେବା ପରେ ଅପରାହ୍ନ ୫ ଘଟିକା ସମୟରେ ରଥ ଚାଳନା ହୋଇ ସନ୍ଧ୍ୟା ୬ଟା ୪୫ ମିନିଟ୍ ସମୟରେ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ରତ୍ନ ସିଂହାସନ ମାଡି ବସିଥିବା ମା' ଲକ୍ଷ୍ମୀ ସାଆନ୍ତାଣୀ ଏକ ସୁସଜ୍ଜିତ ବିମାନରେ ଆସି ରଥ ପରିକ୍ରମା କରିବା ପରେ ଚାହାଣି ମଣ୍ଡପରୁ ଶ୍ରୀଲକ୍ଷ୍ମୀ ଓ ଶ୍ରୀଜଗନ୍ନାଥ ଭେଟ ହୋଇଥିଲା।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଓ ନୀତିକାନ୍ତି ଅନୁଯାୟୀ, ଆଜିର ବାହୁଡା ଯାତ୍ରା ଶୃଙ୍ଖଳାର ସହିତ ଶେଷ ହୋଇଛି। ପ୍ରତ୍ୟୁଷରୁ ରୀତିନୀତି ଅନୁଯାୟୀ ଚତୁର୍ଦ୍ଧାମୂରତିଙ୍କ ପୂଜାର୍ଚ୍ଚନା କରାଯିବା ପରେ ବାହୁଡ଼ାଯାତ୍ରା ବେଶ କରାଯାଇଥିଲା। ଦିନ ୧୦.୪୫ ମିନିଟ୍ ସମୟରେ ଆଡ଼ପ ମଣ୍ଡପରୁ ଧାଡି ପହଣ୍ଡିରେ ଶ୍ରୀଜୀଉମାନେ ରଥ ପରିକ୍ରମା କରି ରଥାରୂଢ ହୋଇଥିଲେ। ରାଜପୁରୋହିତ ଶରତ ଚନ୍ଦ୍ର ମିଶ୍ରଙ୍କ ବେଦପାଠ ପରେ ପୂଜାପଣ୍ଡା, ସୁଆର, ଖୁଣ୍ଟିଆ, ସେବାୟତମାନଙ୍କ ଦ୍ୱାରା ରଥରେ ଶୁଭ କଳସ ସ୍ଥାପନ ପରେ ପରିଛା ସୁଦର୍ଶନ ମିଶ୍ର ଛେରାପହଁରା କରିଥିଲେ। ପରେ ଶ୍ରଦ୍ଧାଳୁମାନେ ରଥ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପୁରୋହିତ ଶରତ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜାପଣ୍ଡା ଜଗବନ୍ଧୁ ଦାଶ, ଯଶୋବନ୍ତ କର, ରବୀନ୍ଦ୍ର ଦାଶ, ସୁଆର ଲକ୍ଷ୍ମଣ ପାଢ଼ୀ, ଶଙ୍କର୍ଷଣ ମିଶ୍ର, ବିଶ୍ୱନାଥ ପାତ୍ର, ପଦ୍ମଲୋଚନ ପାଣିଗ୍ରାହୀ, ସେବାୟତ ସୋମନାଥ ସାହୁ, ଶରତ ମହାରଣା, କୃଷ୍ଣଚନ୍ଦ୍ର ସାହୁ, ଜୟକୃଷ୍ଣ ସାହୁ, ପବନ ବେହେରାଙ୍କ ଦ୍ୱାରା ରଥାରୁଢ ତିନି ଦିଅଁଙ୍କ ନୀତିକାନ୍ତି ସମ୍ପର୍ଣ୍ଣ କରିଥିଲେ। ଦେବୋତ୍ତର ଅଧିକାରୀ ତଥା ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ନିର୍ଦ୍ଦେଶରେ ରଥ ଅଧିକାରୀ ଆଶୁତୋଷ ପଟ୍ଟନାୟକ, ମନ୍ଦିର ପରିଚାଳକ ସୁରେନ୍ଦ୍ର ମିଶ୍ର, କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବଡଦାଣ୍ଡରେ ଆୟୋଜିତ ଧାରା ବିବରଣୀ କାର୍ଯ୍ୟକ୍ରମରେ ପ୍ରବଚକ ରମାକାନ୍ତ ନାୟକ, ଉମାକାନ୍ତ ଡ. ରାମଚନ୍ଦ୍ର ନାୟକ, ଉମାକାନ୍ତ ନାୟକ, ଗଦାଧର ମିଶ୍ର, ଅଧ୍ୟାପକ ବିଜୟ କୁମାର ସାହୁ, ଶ୍ରିମତୀ ସନ୍ଧ୍ୟାରାଣୀ ପୃଷ୍ଟି, ସରୋଜ କୁମାର ସାହୁ, ଅଧ୍ୟାପିକା ଆଭାରାଣୀ ବଳ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଧାରା ବିବରଣୀ ପ୍ରଦାନ କରିଥିଲେ। ସହକାରୀ ଜିଲ୍ଲାପାଳ ତପନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ଆଇନଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ। ପୌରପାଳିକାରକାର୍ଯ୍ୟନିର୍ବାହୀଅଧିକାରୀଦେବଦତ୍ତବଳ, ପରିମଳ ଅଧିକାରୀ ଭାଗିରଥୀ ଦାଶଙ୍କ ତତ୍ତ୍ୱାବଧାନରେ ଥଣ୍ଡା ପାନୀୟ ଜଳ ବିତରଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଜନସ୍ୱାସ୍ଥ୍ୟ ଜଳ ଯୋଗାଣ ବିଭାଗ ଜରିଆରେ ପାନୀୟ ଜଳ, ଆଶୁ ଚିକିତ୍ସା କେନ୍ଦ୍ର, ରୌଦ୍ରତାପର ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ରାସ୍ତାରେ ପାଣି ସିଞ୍ଚନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ସୂଚନା କେନ୍ଦ୍ରରୁ ଭକ୍ତମାନଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକାର ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୂଚନା ଅଧିକାରୀ ଦେବେନ୍ଦ୍ର ରାଉତରାୟ, ନାରାୟଣ ଦାଶ, ଚନ୍ଦ୍ରଶେଖର ଦଳେଇ, ପରିଚାଳନା କମିଟିର ଲଳିତ କୁମାର ପାତ୍ର, ଅଜୟ କୁମାର ମହାପାତ୍ର, ବନବିହାରୀ ଧଳ, ଲକ୍ଷ୍ମୀଧର ମିଶ୍ର, ଗୌରାଙ୍ଗ ଚରଣ ନାହାକ, ମମତାରାଣୀ ଜେନା ସହଯୋଗ କରିଥିଲେ। ସେହିପରି ଆନନ୍ଦପୁର ଉପଖଣ୍ଡର ଶାଳପଡ଼ା, ଖପରାଖାଇ, ଘସିପୁରା, କେଶଦୁରାପାଳ, ବସନ୍ତପୁରା, ବିରଗୋବିନ୍ଦପୁର, ବେଲବାହାଳି, ଶାଳବଣୀ, ବାଟୋ, ଜରଦା ଗ୍ରାମରେ ପବିତ୍ର ବାହୁଡା ଯାତ୍ରା ପରେ ତିନି ଠାକୁର ମାଉସୀ ବାଡିରେ ସାଧାରଣ ଦର୍ଶନ ଦେଉଥିବା ଜଣାଯାଇଛି।

## କୁନି ରଥକୁ ଟାଣିଲେ କୁନି ଭକ୍ତ



**ଆନନ୍ଦପୁର:** ଆନନ୍ଦପୁର ବଡ଼ ବଜାରର କୁନି କୁନି ଭକ୍ତମାନେ ଏକ କୁନି ରଥରେ ୩ ଠାକୁରଙ୍କୁ ବସାଇ ବଡଦାଣ୍ଡରେ ଆଉ ଏକ ରଥଯାତ୍ରାର ଭ୍ରମ ସୃଷ୍ଟି କରିଥିଲେ। ତିନି ଠାକୁର ବସିଥିବା ଏହି କୁନି ରଥକୁ କୁନି ଭକ୍ତମାନେ ଟାଣି ଟାଣି ମାଉସୀ ବାଡିର ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇଥିଲେ। ସେଠାରେ ଆଡ଼ପ ମଣ୍ଡପରେ ବଇଠିକୁ ଦର୍ଶନ କରି ପୁଣି କୁନି ରଥକୁ ଟାଣି ଟାଣି ଶ୍ରୀ ଦଧିବାମନଜୀଉ ମନ୍ଦିର ନିକଟକୁ ଆଣିଥିଲେ। କୁନି କୁନି ଭକ୍ତମାନଙ୍କ ଏପରି ଆଧାତ୍ମିକ ଭାବନା ଓ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି ଭକ୍ତିଭାବକୁ ଜଗନ୍ନାଥ ପ୍ରେମୀମାନେ ପ୍ରଶଂସା କରିଥିଲେ।

# ବାହୁଡ଼ିଲେ ଦଧିବାମନଜୀଉ



**ତୁରୁମୁଙ୍ଗା:** ପାଟଣା ବ୍ଲକ ରାଜନଗରସ୍ଥିତ ଦଧିବାମନଜୀଉଙ୍କ ବାହୁଡ଼ା ଯାତ୍ରା ଶେଷ ହୋଇଛି। ସକାଳ ୬ ଘଟିକା ଠାରୁ ମନ୍ଦିର ଖୋଲା ହୋଇ ସମସ୍ତ ରୀତିନୀତି ଶେଷ ହୋଇ ଅପରାହ୍ନ ୪ ଘଟିକା ସମୟରେ ପହଣ୍ଡି ହୋଇ ତିନିଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ପରୀକ୍ଷା ଦୁର୍ଯ୍ୟୋଧନ ମିଶ୍ର ଛେରାପହଁରା କରିଥିଲେ। ପୂଜକ ପ୍ରଦୀପ କୁମାର ପାଣି, ସତ୍ୟାନନ୍ଦ ପଣ୍ଡା, ପୂଜାର୍ଚ୍ଚନା କରିଥିଲେ। ଉଭୟ ପ୍ରଶାସନ ଓ ମନ୍ଦିର ସେବାୟତଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମାପନ ହୋଇ ସନ୍ଧ୍ୟା ୬ଟାରେ ରଥ ଟଣା ହୋଇ ମାଉସୀ ମା' ମନ୍ଦିରରୁ ବାହୁଡ଼ା ଯାତ୍ରା ଆରମ୍ଭ ହୋଇଥିଲା। ପାଟଣା ତହସିଲଦାର ଲୀଳାବତୀ ନାୟକ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହିଥିଲେ। ରଥ ଯାତ୍ରା ଧାରା ବିବରଣୀକୁ ଶିକ୍ଷାବିତ ଅକ୍ଷୟ ନାରାୟଣ ମିଶ୍ର, କୈବଲ୍ୟ ସାହୁ ପ୍ରଦାନ କରିଥିଲେ। ରାଜନଗରରେ ରଥଟଣା ସମୟରେ ବଡ଼ଦାଣ୍ଡ କଡ଼ରେ ଥିବା ଏକ ମୃଦୁ ପାନୀୟ ବିକ୍ରି କରୁଥିବା ଏକ ଗାଡ଼ିରେ ରଥ ବାଜିବାରୁ ଗାଡି ଆଂଶିକ କ୍ଷତି ହୋଇଥିବା ବେଳେ ଲୋକେ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ରାଜନଗରରେ ୧୫ ହଜାର ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମରେ ରଥ ଟଣା ହୋଇଥିଲା।

# ମଲ୍ଲୀପଶିରେ ବାହୁଡ଼ା ଯାତ୍ରା

**ତୁରୁମୁଙ୍ଗା:** ପାଟଣା ବ୍ଲକ ମୂଷାଖୋରୀ ପଞ୍ଚାୟତ ମଲ୍ଲୀପଶିଠାରେ ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ସୋମବାର ରଥ ଟାଣିବା ପାଇଁ ୧୦ହଜାରରୁ ଭକ୍ତଙ୍କ ସମାଗମ ହୋଇଥିଲା। ମଲ୍ଲୀପଶିଠାରେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳା ଭକ୍ତମାନେ ହିଁ ଟାଣିଥିଲେ। ରଥରେ ସ୍ଥାନୀୟ ରାଜା ରବିନାରାୟଣ ସିଂହ ଛେରାପହଁରା କରିଥିଲେ। ପୂଜକଭାବେ କୁଳମଣି ଷଡ଼ଙ୍ଗୀ ନୀତିକାନ୍ତିରେ ପୂଜାର୍ଚ୍ଚନା କରିଥିଲେ। ଠାକୁରଙ୍କ ସେବକ ପାର୍ଥସାରଥୀ ବେଜ, ଅରୁଣ କୁମାର ବେଜ, ଅନାଦି ମହାନ୍ତ ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସମ୍ପନ୍ନ ହୋଇଛି। ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ ମଲ୍ଲିପଶି ରଥଯାତ୍ରାରେ ସାମିଲ ହୋଇଥିଲେ। ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ, ଏସ୍‌ଆଇ ଲକ୍ଷ୍ମଣ ମାଝୀ ଏବଂ ଏକ ସେକ୍ସନ ପୁଲିସ ଫୋର୍ସ ସହାୟତାରେ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ। ଅନୁରୂପ ଭାବେ ଏହି ବ୍ଲକ ଅନ୍ତର୍ଗତ ସରାସକୋଲା, ଟାଙ୍ଗରପଡ଼ା, ଖିରେଇଟାଙ୍ଗିରି, ଡୁମୁରିଆ ଆଦି ଗ୍ରାମମାନଙ୍କରେ ତିନି ଠାକୁରଙ୍କ ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଛି।



# ମେଣ୍ଟାଲ ରାସ୍ତାରେ ପଡ଼ିଲା ମୋରମ



'ସକାଳ' ପ୍ରଭାବ

ବାରିକପୁର, ୧୫ ।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୩ନମ୍ବର ମୁଖ୍ୟ କେନାଲର ମରାମତି କାମ ଏବେ ଆରମ୍ଭ ହୋଇଛି । ରାସ୍ତାର ଆକୁଳିକଣା ନିକଟ '୩ଖ' କେନାଲ ପୋଲ ନିକଟରୁ ବରୋଦା ବଜାର ଯାଏଁ ଧାମନଗର ଜଳସମ୍ପଦ ବିଭାଗ ପକ୍ଷରୁ ଟେଣ୍ଡର ଡକାଯାଇ ଜନୈକ ଠିକାଦାରଙ୍କୁ ମରାମତି ପାଇଁ ଦାୟିତ୍ୱ ଦିଆଯାଇଛି । ପାଖାପାଖି ଏକ ସପ୍ତାହ ହେବ ନିର୍ଦ୍ଧାରିତ ସ୍ଥାନରୁ କୋଳିଗଡ଼ି ଗ୍ରାମ ଯାଏଁ କେନାଲ ରାସ୍ତାରେ ମେଣ୍ଟାଲ ବିଛା ଯାଇଛି । ମେଣ୍ଟାଲ ଗୁଡିକ ଉପରୁ ତୀକ୍ଷ୍ଣ ଭାବେ ରହିଥିବା ବେଳେ ସେଗୁଡିକୁ ଆବଶ୍ୟକ ଅନୁଯାୟୀ ରୋଲିଂ କରାଯାଇ ନଥିଲା । ଏହା ସାଧାରଣ ଜତାୟତରେ ଘୋର ଅସୁବିଧା ସୃଷ୍ଟି କରୁଥିଲା । ଫଳରେ ସାଇକଲ ଓ ମୋଟରସାଇକଲରେ ଯାଉଥିବା ଲୋକମାନେ ଯନ୍ତ୍ରଣା ଭୋଗୁଥିବା ନେଇ ଆଜି ଦୈନିକ 'ସକାଳ'ରେ ଖବର ପ୍ରକାଶପାଇଥିଲା । ବିଭାଗୀୟଯନ୍ତ୍ରୀ ଘଟଣାକୁ ଗୁରୁତର ସହ ଗ୍ରହଣ କରିଥିବା ବେଳେ ଆଜି ରାସ୍ତାରେ ମୋହରମ ପକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ତଦନୁଯାୟୀ କାମ କରୁଥିବା ଯାଜପୁର ଠିକାଦାରଙ୍କ ଦ୍ୱାରା ବିପଦପୂର୍ଣ୍ଣ ମେଣ୍ଟାଲ ଉପରେ ମୋରମ ବିଛା ଯାଇଛି । ଯଦିଓ ସମ୍ପୂର୍ଣ୍ଣ ମୋରମ ବିଛା ହୋଇ ନାହିଁ ତଥାପି ଏନେଇ ଆଜି କାର୍ଯ୍ୟ ଆରମ୍ଭ ହୋଇଛି । ଟେଣ୍ଡର ଅନୁସାରେ କେନାଲ ରାସ୍ତାଟି ମାତ୍ର ଶତକଡା ୪୦ ଭାଗ କାର୍ଯ୍ୟ ହୋଇଛି । କୋଳିଗଡ଼ି ଠାରୁ ପୂର୍ତ୍ତ ବିଭାଗ ରାସ୍ତା ବରୋଦା ବଜାର ଯାଏଁ କାମ ଆରମ୍ଭ ହୋଇ ନାହିଁ । ଏପଟେ ବର୍ଷା ଯୋଗୁଁ ବନ୍ଦ ରାସ୍ତା ପାଣି କାଦୁଅରେ ଭର୍ତ୍ତି ହେବାକୁ ଯାଉଛି । ତେଣୁ ତୁରନ୍ତ ରାସ୍ତା ମରାମତି କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

## ଆମ୍ବୁଲାନ୍ସ ଓ ମହାପ୍ରୟାଣ ଗାଡ଼ିର ନାହିଁ ବୀମା

# ଜରୁରୀକାଳୀନ ସେବାରୁ ବଞ୍ଚିତ ରୋଗୀ

ବାସୁଦେବପୁର, ୧୫ ।୭ (ସମିସ)

ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କିଛିଦିନ ତଳେ ମିଳିଥିବା ୨ଟି ଜରୁରୀକାଳୀନ ସେବା ପାଇଁ ଗାଡିର ନାହିଁ ବୀମା । ଗତ ୬ ମାସ ତଳେ ବୀମା ସରି ଯାଇଥିଲେ ବି ସେଥିପ୍ରତି କାହାରି ଧ୍ୟାନ ନଥିବା ବେଳେ ରୋଗୀ ଓ ମୃତାହତଙ୍କ ସମ୍ପର୍କୀୟଙ୍କୁ ହାନସ୍ତା ହେବାକୁ ପଡୁଛି । ବୀମା ଶେଷ ହୋଇ ଯାଇଥିବା ବେଳେ ଏହି ୨ ଗାଡିର ଚକ ଗଡୁ ନଥିବା ଦେଖିବାକୁ ମିଳିଛି । ଆଉ କେତେବେଳେ ବି ଚାପରେ ଚେପି ହୋଇ ସ୍ୱାସ୍ଥ୍ୟ କର୍ମଚାରୀ ମଧ୍ୟ ବାଧ ହୋଇ ବୀମା ନଥିବା ଗାଡିକୁ ଅନ୍ୟତ୍ର ଚିକିତ୍ସା କରାଇବା ନେଇ ରୋଗୀଙ୍କ ପରିବାର ସହିତ ଖେଳ ଖେଳୁଛି ସ୍ୱାସ୍ଥ୍ୟ ବିଭାଗ । ଏମିତିକି ଅନେକ ସମୟରେ ବୀମା ବିହିନ ଗାଡିକୁ ନେଇ ସେବା ପାଇବାରୁ ବଞ୍ଚିତ ରୋଗୀ ସମ୍ପର୍କୀୟ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମଧ୍ୟରେ ବି ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମଧ୍ୟ ମିଳୁଛି । ହେଲେ ଏମିତି ବିପଦପୂର୍ଣ୍ଣ ପରିଚାଳନା ପ୍ରତି କିଏ ଦୃଷ୍ଟିଦେବ ତାହା ଏବେ ବଡ଼ ଚିନ୍ତାର କାରଣ ସାଜିଛି । ତେବେ ଗାଡିର କାଗଜପତ୍ର ପ୍ରସ୍ତୁତି କରି ସିଡିଏମ୍‌ଓ କାର୍ଯ୍ୟାଳୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିଛି । ହେଲେ ପରିବହନ ବିଭାଗ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟରେ ବିବାଦ ପାଇଁ ଫାଇଲ ଅଟକି ରହିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଗ ଫିଟ୍‌ନେସ୍ କରି ଆଣ ପରେ ବୀମା ହେବ ବୋଲି ନିର୍ଦ୍ଦେଶ ଦେଇଥିବା ବେଳେ ପରିବହନ ବିଭାଗ କହୁଛି ଆଗ ବୀମା କରି ଆଣ ପରେ ଫିଟନେସ୍ ହେବ ବୋଲି କହୁଥିବା ସୂଚନା ମିଳିଛି । ତେବେ ଦୁଇ ବିଭାଗ ମଧ୍ୟରେ ଦ୍ୱନ୍ଦ ଭିତରେ ଅଟକି ରହିଛି ବୀମା ଫାଇଲ କାମ । ସ୍ଥାନୀୟ ଡାକ୍ତରଖାନା ସୂଚନାରୁ ଜଣାପଡ଼ିଛି, ଦେଢ଼ବର୍ଷ ତଳେ ସ୍ଥାନୀୟ ବିଧାୟକ ପାଣ୍ଠିରୁ ବାସୁଦେବପୁରବାସୀଙ୍କ କଲ୍ୟାଣ ପାଇଁ ଏକ ଆମ୍ବୁଲାନ୍ସ ଯୋଗାଇ ଦେଇଥିଲେ । ହେଲେ ସେହି ଆମ୍ବୁଲାନ୍ସଟିର ଗତ ୬ ମାସ ତଳେ ବୀମା ସରି ଯାଇଥିବା ଆମ୍ବୁଲାନ୍ସ ଚାଳକ ସୂଚନାରୁ ଜଣାପଡ଼ିଛି । ଅନ୍ୟପଟେ ସମାନ ଭାବେ ସାଂସଦ ପାଣ୍ଠିରୁ ଏକ ମହାପ୍ରୟାଣ ଗାଡି ପ୍ରଦାନ କରାଯାଇଥିଲା । ଉକ୍ତ ଗାଡିର ମଧ୍ୟ ବୀମା ସରିଯାଇଥିଲେ ବି ଅକାମୀ ହୋଇ ପଡ଼ିରହିଛି । ଫଳରେ ଘରୋଇ ଆମ୍ବୁଲାନ୍ସ ଓ ଭଡ଼ା ଗାଡି ନେଇ ଉତ୍ତମ ଚିକିତ୍ସା ପାଇଁ ଭଦ୍ରକ କି କଟକ ଯିବାକୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏହି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ବାସୁଦେବପୁର ବ୍ଲକ ସମେତ ଚାନ୍ଦବାଲି ବ୍ଲକର କେତେକ ପଞ୍ଚାୟତ ସହିତ ସୋର ବ୍ଲକର ଅନେକ ପଞ୍ଚାୟତର ଅନେକ ଲୋକ ନିର୍ଭର କରି ସେବା ପାଇଁ ଆସୁଛନ୍ତି । ତେବେ ପରିଚାଳନାର ଦୂରାବସ୍ଥା ପାଇଁ ନାକ ଟେକି ଚାଲି ଯାଉଛନ୍ତି । ଦେଖା ଦେଇଥିବା ସମସ୍ୟା ସମ୍ପର୍କରେ ମୁଖ୍ୟ ଡାକ୍ତରଖାନା ଚିକିତ୍ସା ଅଧିକାରୀ ସୁଶାନ୍ତ ସାମନ୍ତ ଜିଲ୍ଲାକୁ ପଠାଇଥିବା ସୂଚନା ଦେଇଛନ୍ତି । ଆଉ ଦିନେ ଦୁଇଦିନ ମଧ୍ୟରେ ସମାଧାନ ହୋଇଯିବ ବୋଲି ସୂଚନା ଦେଇଛନ୍ତି ।

# ଅଚିହ୍ନା ଶବ ଉଦ୍ଧାର, ପୁଲିସର ଛାନଭିନ୍

ଅସୁରାଳି, ୧୫ ।୭ (ସମିସ): ଧୂଷୁରୀ ପଞ୍ଚାୟତ ଅନ୍ତର୍ଗତ ଉଗ୍ରତାରା ନଦୀରୁ ଅଚିହ୍ନା ବ୍ୟକ୍ତିଙ୍କ ଶବ ଉଦ୍ଧାର । ଘଟଣାସ୍ଥଳରେ ଧୂଷୁରୀ ପୁଲିସ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟା ସମୟରେ ଗ୍ରାମର ଗ୍ରାମବାସୀ ସ୍ଥାନୀୟ ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ଜଣେ ଯୁବକର ମୃତଦେହ ନଦୀରେ ଭାସୁଥିବାର ଦେଖିଥିଲେ । ପରେ ଧୂଷୁରୀ ପୁଲିସକୁ ଖବର ଦେଇଥିଲେ । ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଶବଟିକୁ ଉଦ୍ଧାର କରିବା ସମୟରେ ବେକରେ ଏକ ଗାମୁଛା ଦ୍ୱାରା ପଥର ବନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏ ଶବ ଏଠିକାର ନୁହେଁ । ଘଟଣାସ୍ଥଳନରେ ଧାମନଗର ତହସିଲଦାର ଦୀପକ ଦାସ ମଧ୍ୟ ଉପସ୍ଥିତ ଥିଲେ ।

## ● ସ୍କୁଲ ଘରେ ବାହାଘର ଭୋଜିଭାତ

# ପ୍ରଧାନଶିକ୍ଷକଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ



ଭଣ୍ଡାରିପୋଖରୀ, ୧୫।୭ (ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନ ବନ୍ଦାଳୋ-ମଢିଆଳି ପଞ୍ଚାୟତର ବଳିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ସୁବର୍ଣ୍ଣମୁଖି ଉପ୍ରା ବିଦ୍ୟାଳୟରେ ଗତ ରବିବାର ଘରୋଇ ବିବାହ ଉତ୍ସବ ଅନୁମତି ଦେଇ ପ୍ରଧାନଶିକ୍ଷକ ଅଡୁଆରେ । ଏଥିପାଇଁ ପ୍ରଧାନଶିକ୍ଷକଙ୍କ ବିରୋଧରେ ସିଆର୍‌ସିସିଙ୍କ ଠାରୁ ତଦନ୍ତ ରିପୋର୍ଟ ଲୋଡିଛନ୍ତି ବ୍ଲକ ଶିକ୍ଷାଧିକାରୀ । ସଂପୃକ୍ତ ପଞ୍ଚାୟତ ଅନ୍ତର୍ଗତ ଖପୁରିଆପଦା ଗ୍ରାମର ଜନୈକ ବ୍ୟକ୍ତିର ପୁଅ ବିଭାଘର ରବିବାର ହୋଇଥିଲା । କନିଆର ମାମୁଁ ଘର ବଳିପୁର ଗ୍ରାମରେ ହୋଇଥିବାରୁ ବର ବଳିପୁର ଗ୍ରାମକୁ ଆସିଥିଲା । ରବିବାର ଛୁଟି ଥିବାରୁ ବିଦ୍ୟାଳୟ ଉଭୟ ଫାଟକ ଓ ଶ୍ରେଣୀଗୃହ ଚାବିକାଠି ନେଇ ବିବାହ ବେଦୀ ସହ ଭୋଜିଭାତ ରାତିତମାମ ଅନୁଷ୍ଠିତ ହୋଇଥିଲା । ସକାଳୁ ବରକନ୍ୟା ବିଦା ହେବା ପରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମା ହୋଇଥିଲା । ଏହି ଘଟଣା ଲୋକଙ୍କ ଦୃଷ୍ଟିକୁ ଆସିବା ପରେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଏଥିନେଇ ଅଭିଯୋଗ ହୋଇଥିଲା । ଏଭଳି କାର୍ଯ୍ୟ ଗ୍ରହଣୀୟ ନୁହେଁ ବୋଲି ମତରଖି ବିଇଓ ଅଧିର କୁମାର ତରାଇ ସାତଶୋଳା ଶିକ୍ଷା ସଂଯୋଜକଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି । ବିଦ୍ୟାଳୟ ଫାଟକ ଚାବି ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତିଙ୍କ ପାଖରେ ରହୁଥିବାରୁ ଗ୍ରାମବାସୀ ବିଭାଘର ପାଇଁ ନେଇ ଥାଇପାରନ୍ତି ବୋଲି ସଂପୃକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ ପ୍ରକାଶ କରିଛନ୍ତି । କିନ୍ତୁ ବିଭାଘରରେ ବିଦ୍ୟାଳୟଶ୍ରେଣୀ କୋଠରି ବ୍ୟବହାର ହୋଇଥିବାରୁ ଏହାର ଚାବିକାଠି ପ୍ରଧାନଶିକ୍ଷକ ବିନା ଅନୁମତିରେ କିପରି ହସ୍ତାନ୍ତର କଲେ ବୋଲି ଅଭିଯୋଗକାରୀ ପ୍ରଶ୍ନ ଉଠାଇଛନ୍ତି । ସୋମବାର ବାହୁଡା ଛୁଟି ଥିବାରୁ ମଙ୍ଗଳବାର ବିଦ୍ୟାଳୟକୁ ଯାଇ ତଦନ୍ତ କରିବେ ବୋଲି ଶିକ୍ଷା ସଂଯୋଜିକା କୁସୁମଲତା ମହାପାତ୍ର ସୂଚନା ଦେଇଛନ୍ତି ।

# ବନ୍ତ ବ୍ଲକରେ ମିଳିତ ଜନ ଶୁଣାଣି ଶିବିର



ବନ୍ତ/ଆଗରପଡ଼ା, ୧୫ ।୭ (ସମିସ): ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଶୁଣାଣି ଶିବିର ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୪୬ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥି ମଧ୍ୟରେ ୪୧ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୫ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା । ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବନ୍ତ ବିଡିଓ ପ୍ରଦୀପ କୁମାର ସେଠୀ, ବନ୍ତ ତହସିଲଦାର ସାରା ହେମ୍ବ୍ରମ ପ୍ରମୁଖ ଏହି ଜନାଭିଯୋଗ ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଆଗତ ଅଭିଯୋଗ ସବୁର ସମାଧାନ ପାଇଁ ବୈଠକରେ ଉପସ୍ଥିତ ଜିଲ୍ଲା ଓ ଉକ୍ତ ବ୍ଲକସ୍ତରୀୟ ସଂପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

## ● ଜନ୍ମନେଲା ନୂତନ ମହିଳା ସଂଗଠନ 'ଭୂମିକନ୍ୟା'

# ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର

ଭଦ୍ରକ, ୧୫ ।୭ (ସମିସ): ଜଗତର ନାଥ ଜଗନ୍ନାଥଙ୍କ ପବିତ୍ର ବାହୁଡାଯାତ୍ରାରେ ଭୂମିକନ୍ୟା ନାମକ ଏକ ମହିଳା ସଂଗଠନ ଭଦ୍ରକରେ ଜନ୍ମ ନେଇଛି । ସହରର ଡଗମୁଣ୍ଡସ୍ଥିତ ହରିଶଙ୍କରପୁର



ଠାରେ ଜଗନ୍ନାଥ ସଂସ୍କୃତି ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଏହି ନୂତନ ମହିଳା ସଂଗଠନ ଗଢିଉଠିଛି । ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅଧ୍ୟାପକ ନିହାର ରଞ୍ଜନ କର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଭଦ୍ରକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ରାମଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପିକା ଭାନୁମତି ମାଟିଆ, ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ନାଟ୍ୟଶ୍ରୀ ନିର୍ମଳ ରାଉତ ଓ କଳାକାର ଗୌରାଙ୍ଗ ବାରିକ, କବୟିତ୍ରୀ ଦମୟନ୍ତୀ ନାଥ, ମୀନତି ବାରିକ ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ । ଭୂମିକନ୍ୟା ସଂଗଠନ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ସର୍ବସମ୍ମତି କ୍ରମେ ସଭାପତି ଭାବେ ସଂଯୁକ୍ତାବଳ ନାୟକ, ଉପସଭାପତି ଭାବେ ଶଶିକଳା ମିଶ୍ର, ସଂପାଦକ ଭାବେ ଦମୟନ୍ତୀ ରାଉତ, ସହ ସଂପାଦିକା ଭାବେ ବୀଣାପାଣି ତ୍ରିପାଠୀ ମନୋନୀତ ହୋଇଥିଲେ । ମାର୍ଗଦର୍ଶକ ଭାବେ ଡ. ରାମଚନ୍ଦ୍ର ପଣ୍ଡା, ସାମ୍ବାଦିକ ରବିନାରାୟଣ ଖିଲାର, ଅଧ୍ୟାପକ ନିହାର ରଞ୍ଜନ କର, ନାଟ୍ୟଶ୍ରୀ ନିର୍ମଳ ରାଉତ ଓ କଳାକାର ଗୌରାଙ୍ଗ ବାରିକ, ସାମଜସେବୀ ନିରଞ୍ଜନ ନାୟକ ଓ ଉପଦେଷ୍ଟା ଭାବେ ପ୍ରାଧ୍ୟାପିକା ଭାନୁମତି ମାଟିଆ, ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ଦମୟନ୍ତୀ ନାଥ, ମୀନତି ବାରିକ ପ୍ରମୁଖ ମନୋନୀତ ହୋଇଛନ୍ତି ।

# ରୋଟାରୀ କ୍ଲବର ସାମାଜିକ କାର୍ଯ୍ୟକ୍ରମ



ଭଦ୍ରକ, ୧୫ ।୭ (ସମିସ): ଭଦ୍ରକର କଳ୍ପନା ଦେବୀ ଜରାନିବାସରେ ରୋଟାରୀ କ୍ଲବ୍ ଓ ଇନରହ୍ୱିଲ କ୍ଲବ ଦ୍ୱାରା ମିଳିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜରାନିବାସରେ ଶୁଖିଲା ଖାଦ୍ୟ, ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା । ଏହାସହିତ ପରିବେଶ ସୁରକ୍ଷା ନିମନ୍ତେ ଚାରାରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭଦ୍ରକ ରୋଟାରି କ୍ଲବର ସଭାପତି ସନ୍ତୋଷ କୁମାର ନାୟକଙ୍କ ଦ୍ୱାରା ଆୟୋଜିତ ସାମାଜିକ ସେବାରେ ପୂର୍ବତନ ରୋଟାରୀ ସଭାପତି ଇନ୍ଦ୍ରଜିତ, ପୂର୍ବତନ ସଂପାଦକ ମଙ୍ଗିଲାଲ, ଅନିମା ନାୟକ, ସ୍ନେହଲତା ବେହେରା, ଅଞ୍ଜନା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ । କଳ୍ପନା ଦେବୀ ଜରାନିବାସର ପ୍ରତିଷ୍ଠାତା ଡାକ୍ତର ହରେକୃଷ୍ଣ ନାୟକ ରୋଟାରୀ କ୍ଲବ ଓ ରୋଟାରିଆନ ମାନଙ୍କୁ ଏହି ଜନମଙ୍ଗଳ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ଜରାନିବାସର ସମସ୍ତ ସଦସ୍ୟ ଓ ଅନ୍ତେବାସୀମାନେ ସହଯୋଗ କରିଥିଲେ । ଶେଷରେ ରୋଟାରି କ୍ଲବ ସଭାପତି ଶ୍ରୀ ନାୟକ ଏହି କାର୍ଯ୍ୟ ଜାରିରହିବ ବୋଲି କହିଥିଲେ ।

# ଚାନ୍ଦବାଲି ତହସିଲ କାର୍ଯ୍ୟାଳୟ ଘେରଉ ଚେତାବନୀ

ଭଦ୍ରକ, ୧୫ ।୭ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲ କାର୍ଯ୍ୟାଳୟ ଘେରଉ ଚେତାବନୀ ଦିଆଯାଇଛି । ଏ ସମ୍ପର୍କରେ ଭଦ୍ରକ ଜିଲ୍ଲାପାଳ ଓ ଚାନ୍ଦବାଲି ତହସିଲଦାରଙ୍କୁ କରାଯାଇଛି ଲିଖିତ ଅଭିଯୋଗ କରିଛି ମା' ମଙ୍ଗଳା ମତ୍ସ୍ୟଜୀବୀ ସମିତି ଓ ଅଗ୍ରଗାମୀ ମତ୍ସ୍ୟ ସମିତି । ଆସନ୍ତା ୨୦ ତାରିଖ ପୂର୍ବାହ୍ନ ଆଠ ଘଟିକାରୁ ଚାନ୍ଦବାଲି ତହସିଲ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଅଭିଯୋଗପତ୍ର ଦିଆଯାଇଛି । ଚାନ୍ଦବାଲି ତହସିଲ ଅନ୍ତର୍ଗତ ଖଦାଳପୋଖରୀ ଗାଁରେ ମା' ମଙ୍ଗଳା ମତ୍ସ୍ୟଜୀବୀ ସମିତି ଓ ଅଗ୍ରଗାମୀ ମତ୍ସ୍ୟ ସମିତି ରହିଛି । ଏହି ମା' ମଙ୍ଗଳା ସମିତି ମାଧନାଳିକୁ ସୈରାତ ଆଣିଛି ୨୦୨୪-୨୫ ଆର୍ଠିଥକ ବର୍ଷ ପାଇଁ । ଏହା ବାବଦକୁ ଅର୍ଥ ତହସିଲଦାରଙ୍କ କାର୍ଯ୍ୟାଳୟରେ ପୈଠ କରାଯାଇଥିବା ଅଭିଯୋଗରେ ଉଲ୍ଲେଖ ଅଛି । ଏହାର ସମୟ ସୀମା ରହିଥିଲେ ମଧ୍ୟ ଏଥିରେ ଘାଇ କରାଯାଇଛି ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ । ଫଳ ସ୍ୱରୂପ ଘଣ୍ଟେଶ୍ୱର ଆର୍‌ଆଇ ସ୍ଥାନୀୟ ପୁଲିସର ସହାୟତା ନେଇ ଜେସିବି ମେସିନ ମାଧ୍ୟମରେ ଘାଇ କରାଯାଇଛି । ଏହି ନାଳରେ ଥିବା ମାଛ ନଈକୁ ଭାସି ଯାଇଛନ୍ତି । ଏଥିପାଇଁ ସ୍ଥାନୀୟ ଗରିବ ମତ୍ସ୍ୟଜୀବୀ ଓ ନିଲାମଧାରୀ ଆର୍ଠିଥକ କ୍ଷତିରେ ପଡ଼ିଥିବା ଅଭିଯୋଗ ହୋଇଛି । ଏଠାରେ ୪/୫ଟି ଯୋରରୁ ଚିଙ୍ଗୁଡ଼ି ଚାଷୀ ପାଣି ନେଉଛନ୍ତି । ସେହି ଚିଙ୍ଗୁଡ଼ି ପୋଖରୀର ରାସାୟନିକ ପାଣି ନିଷ୍କାସନ କରୁଛି ସ୍ଥାନୀୟ ଅଞ୍ଚଳର ଜନୈକ ଚିଙ୍ଗୁଡ଼ି ଚାଷୀ । ତାଙ୍କ ସହିତ ଏମାନଙ୍କର ଏହି ପାଣି ନିଷ୍କାସନକୁ ନେଇ ଅତୀତରେ ବଚସା ହୋଇଥିଲା । ଏଣୁ ଏହାର ନିରପେକ୍ଷ ତଦନ୍ତ ସହିତ ଏହି କର୍ମଚାରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଏହି ଦୁଇଟି ମତ୍ସ୍ୟଜୀବୀ ସମିତି ଦାବି କରିଛି ।

# 'ଶ୍ରୀ ଗଣେଶ' ଗୀତିନାଟ୍ୟ ମଞ୍ଚସ୍ଥ



ଭଦ୍ରକ, ୧୫ ।୭ (ସମିସ): ଭଦ୍ରକ ବ୍ଲକ ଓଲଙ୍ଗ ପଞ୍ଚାୟତ ଅଧୀନ ଗୋବିନ୍ଦପୁର ଗାଁର ଅନନ୍ତ ବିନାୟକଜୀଉ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ରାନ୍ଦିଆ କୋରଣ୍ଟର ବିମଳା ନାଟ୍ୟ ସଂସଦ ଦ୍ୱାରା 'ଶ୍ରୀ ଗଣେଶ' ଗୀତିନାଟ୍ୟ ମଞ୍ଚସ୍ଥ ହୋଇଯାଇଛି । ଇଂ.ଅଶୋକ ମହାନ୍ତି ଦ୍ୱାରା ପ୍ରଯୋଜିତ, ଗୌରାଙ୍ଗ ଚନ୍ଦ୍ର ବାରିକ ନିର୍ଦ୍ଦେଶିତ ଏହି ଗୀତିନାଟ୍ୟରେ ନୃତ୍ୟ ଗୁରୁ ନାରାୟଣ ଚନ୍ଦ୍ର ସାହୁ ସହ ନିର୍ଦ୍ଦେଶନା ଦେଇଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଗୁରୁ ସୁରେନ୍ଦ୍ର ଗାହାଣ ଦେଇଛନ୍ତି । ଏଥିରେ ମିନତୀ ବାରିକ କଣ୍ଠଦାନ କରିଥିବା ବେଳେ ଅଭିନୟରେ ଶିବ, ଅରବିନ୍ଦ, ବ୍ରହ୍ମା, ଅଭିମନ୍ୟୁ ବିଷ୍ଣୁ ପ୍ରଦିପ, ନାରଦ, ନୃତ୍ୟଗୁରୁ ନାରାୟଣ, ନନ୍ଦୀ, ମୁନା, ଭୃଗିଂ ବିଶ୍ୱରଞ୍ଜନ, ପାର୍ବତୀ ସନ୍ଧ୍ୟା ଯୟା, ଜ୍ୟୋତିବିଜୟା, ରିୟା, ଧରଣୀ, ଶ୍ରିୟା, ଗଣେଶ, ଲିଜା, କୌଶିକ ପ୍ରମୁଖ ଅଭିନୟ କରିଥିଲେ । ଅମୀୟ ସେଠୀ, ଆଶିଷ ସେଠୀ, ସ୍ମାରକ ଉମା ପାଣିଗ୍ରାହୀ ଓ ପ୍ରଫୁଲ୍ଲ ଦାସ ସଂଗୀତ ପରିଚାଳନା କରିଥିଲେ ।

# ହଜରତ ମୁଜାହିଦ୍-ଏ-ମିଲ୍ଲତଙ୍କ ଜନ୍ମ ବାର୍ଷିକ ଉତ୍ସବ





ଧାମନଗର, ୧୫ ।୭ (ସମିସ)

ଧାମନଗର ଠାରେ ପ୍ରସିଦ୍ଧ ପୀଠ ଖାନକା ସରିଫ୍ ପୀରବାବା ହଜରତ ମୁଜାହିଦ୍-ଏ-ମିଲ୍ଲତଙ୍କ ୧୨୨ତମ ଜନ୍ମ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳନ କରାଯାଇଛି । ଏହି ଅବସରରେ ପୀରବାବାଙ୍କ ଆସ୍ଥାନକୁ ଗୋଲାପ ଜଳ ଓ ଚନ୍ଦନରେ ଗୋସାଲ ସରିଫ୍ (ସ୍ନାନ) କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଖାନକା ସରିଫ୍ ମତବଲ୍ଲି ଅଲହାଜ୍ ସୟଦ୍ ଗୋଲାମ ମହମ୍ମଦ ହବିବି ଯୋଗ ଦେଇ ପୀରବାବାଙ୍କୁ ସ୍ନାନ କରାଇଥିଲେ । ପରେ ୭.୩୦ ମିନିଟ ସମୟରେ କୋରାନ୍ ଖାନି ଓ ଫାତେହା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମଧ୍ୟାହ୍ନରେ ଲଙ୍ଗର(ଭୋଗ) ବଣ୍ଟନ କରାଯାଇଥିଲା । ପବିତ୍ର ଜନ୍ମ ବାର୍ଷିକ ଉତ୍ସବରେ ରାଜ୍ୟ ଓ ଅନ୍ୟ ବିଭିନ୍ନ ରାଜ୍ୟରୁ ପୀରବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ବହୁ ସଂଖ୍ୟାରେ ଖାନକା ସରିଫ୍ ଠାରେ ପହଞ୍ଚି ବାବାଙ୍କ ଦର୍ଶନ କରିଥିଲେ । ଅପରାହ୍ନ ୪ଟା ସମୟରେ ଧାମନଗର ଏନ୍‌ଏସି ଅଞ୍ଚଳର ପଠାଣମହଲା, କୋରେସିମହଲା, ଭଣ୍ଡାରିସାହି, ନାୟକ ସାହି, କଜିମହଲା, ବାଉଁଶ ବାଡ଼ି, ଫକିର ସାହି, ବଜାର ସାହି, ମୁଲଣାସାହି(୧), ମୁଲଣାସାହି(୨), ହବିବ୍ ନଗର, ମୁଜାହିଦ୍ ନଗର, ମୁନସିପାଟଣା, ବନିଆ ସାହି, କଣ୍ଟାବନିଆ, ଜଗତି, ଚାରାହାବେଲି, ମିନି ଷ୍ଟାଡିୟମ ହବିବ୍ ନଗର ଆଦି ୧୭ ଟା ବିଭିନ୍ନ ସାହିବସ୍ତିରୁ ନିଜ ନିଜର କମିଟି ନେତୃତ୍ୱରେ ଚାନ୍ଦର ଶୋଭାଯାତ୍ରା ନେଇ ବଜାର ପରିକ୍ରମା କରି ଖାନକା ସରିଫ୍ ପହଞ୍ଚିଥିଲେ । ସେଠାରେ ପୀରବାବାଙ୍କ ଆସ୍ଥାନରେ ଚାନ୍ଦର ଓ ଗୋଲାମ ଫୁଲ ଚଢାଇ ଦର୍ଶନ କରିଥିଲେ । ଏହି ଅବସରରେ କାଜିମହଲା ଠାରେ ମୁଜାହିଦ୍ କମିଟି ତରଫରୁ ସୋମବାର ରାତି ୮ଟାରୁ ମୌଲାନା, ସାୟାର ଓ କବି ମାନଙ୍କ ଦ୍ୱାରା ଜଲସା, ମୁସାୟେରା ଓ ତକରିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଥାନା ଆଇଆଇସି ଫନୀନ୍ଦ୍ର ଭୂଷଣ ନାୟକଙ୍କ ନେତୃତ୍ୱରେ ଏସ୍ ଆଇ ପ୍ରଦୀପ କୁମାର ନାୟକଙ୍କ ସମେତ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ଏହି ଅବସରରେ ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଲମ୍ବୋଦର ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି, ନଗର ଯୁବ ବିଜେଡି ସଭାପତି ସେକ୍ ସୈଇଫୁଦ୍ଦିନ(ସୁନିଲ) ସେକ୍ ଜାଫର ଅଲ୍ଲୀ, ଗୋଲାମ ଜିଲାନି ହବିବି, ସେକ ଅବଦୁଲ ହାକିମ, ସେକ ତାଜୁଦ୍ଦିନ, ସେକ୍ ହମିଦ, ସେକ୍ ମକଦୁମ୍ ପ୍ରମୁଖ ଖାନକା ସରିଫ୍ ପହଞ୍ଚି ବାବାଙ୍କ ଦର୍ଶନ କରିଥିଲେ ।

# ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଧାମନଗର, ୧୫ ।୭ (ସମିସ): ଧାମନଗର ମେଡିକାଲ ନିକଟସ୍ଥ ମେଳଣ ପଡ଼ିଆ ଠାରେ ଆୟୋଜିତ ଧନ୍ୟବାଦ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଧାମନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ମହେନ୍ଦ୍ର ନୋଡାଲ ଦକ୍ଷିଣ ବାଡ, ତାଳପଦା ନୋଡାଲ, ପଳିକିରି ନୋଡାଲ, ଭଗବାନପୁର ନୋଡାଲ, ଦେଶବନ୍ଧୁ ନୋଡାଲ ଅସୁରାଳି, ଜାଗୁଲାଇ ନୋଡାଲ, ରାଧାବଲ୍ଲଭପୁର ଉତ୍କଳମଣି ଉଚ୍ଚ ବିଦ୍ୟାପୀଠ ବନ୍ଧଟିଆ, ବାଳିକା ଉଚ୍ଚ ବିଦ୍ୟାଳୟ ବନସର, ମୁକ୍ତେଶ୍ୱର ହାଇସ୍କୁଲଙ୍କ ସମେତ ୧୯ଟା ବିଦ୍ୟାଳୟରୁ ମୋଟ ୧୮୫ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ସାଂସଦ ଅଭିମନ୍ୟୁ ସେଠୀ ଏବଂ ଭି କେୟାର ଚାରିଟେବୁଲ ଟ୍ରଷ୍ଟର ପ୍ରଭାରୀ ସୁଜିତ୍ କୁମାର ଦାଶ ପ୍ରମୁଖ ଯୋଗ ଦେଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ ୱାଚ ଓ ଅନ୍ୟ ସାମଗ୍ରୀ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସେଠୀ, ମନୋଜ ସିଂ, ଭି କେୟାର ସଦସ୍ୟ ମାନସ ଜେନା ପରିଚାଳନାରେ ସହଯୋଗ କରିଥିଲେ ।

ବିରଜାକ୍ଷେତ୍ରରେ ବାହୁଡ଼ାଯାତ୍ରା

# ଜନ୍ମବେଦୀରୁ ବାହୁଡ଼ିଲେ ଚତୁର୍ଦ୍ଧା ମୂର୍ତ୍ତି


ଯାଜପୁର


ମଇଁଦା


ଟମ୍କା


କନ୍ୟାଁଗୋଲା


ଜାରକା


କାଳିଆପାଣି


ସୁକିନ୍ଦା

**ଯାଜପୁର, ୧୫।୭(ସମିସ):** ଯାଜପୁର ସହରରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା ଆନନ୍ଦ ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି । ନିର୍ଦ୍ଧାରିତ ସମୟରେ ସଦାଶିବ ମଠଠାରେ ଥିବା ମାଉସୀ ମା' ମନ୍ଦିରରୁ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇ ମହନ୍ତଙ୍କ ଉପସ୍ଥିତିରେ ରଥାରୂଢ଼ କରାଯାଇଥିଲା । ପରେ ଘଣ୍ଟ ଘଣ୍ଟା ବାଦ୍ୟ, ହରିବୋଲ ହୁଳହୁଳି ଧ୍ୱନିରେ ବିଗ୍ରହଙ୍କୁ ଦଶାଶ୍ୱମେଧ ଘାଟ ଶ୍ରୀଜୀଉଙ୍କ ମନ୍ଦିରକୁ ଚତୁର୍ଦ୍ଧା ମୂର୍ତ୍ତି ବାହୁଡ଼ିଥିଲେ । ଶ୍ରଦ୍ଧାଳୁ ପୁଣ୍ୟତୋୟା ବୈତରଣୀ ନଦୀକୂଳ ଦଶାଶ୍ୱମେଧ ଘାଟ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ରଥକୁ ଟାଣି ଆଣି ନେଇଥିଲେ । ମହିଳାମାନେ ପରମ୍ପରା ଅନୁଯାୟୀ ଯୋଗମାୟା ମା' ସୁଭଦ୍ରାଙ୍କ ରଥକୁ ଟାଣିଥିଲେ । ବୈଦ୍ୟରାଜପୁରର ଘଣ୍ଟ ବାଦ୍ୟର ତାଳେତାଳେ ନୃତ୍ୟ ପରିବେଷଣ କରି ମହାପ୍ରଭୁ ଜଗନ୍ନାଥ ଅଗ୍ରଜ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥଟଣାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା, ତହସିଲ ଅଫିସର ବିଭାଗୀୟ ଅଧିକାରୀ ଶଶୀଭୂଷଣ ମିଶ୍ର, ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ, ଶ୍ରୀଜଗନ୍ନାଥ ସେବା ସମିତି, ଯାଜପୁର ନାଗରିକ ପରିଷଦ, ଗୀତା ଜାଗରଣ ପରିଷଦ, ଅନନ୍ୟା ସାହିତ୍ୟ ସଂସଦ, ଯାଜପୁର ବିକାଶ ମଞ୍ଚ, ବିରଜା ମଣ୍ଡଳ ବିଦ୍ୟୁତ୍ ପରିଷଦ ସଭାପତି, ରାଧାଗୋବିନ୍ଦଳ ସଭାପତି, ଭେଲଙ୍କ କୀର୍ତ୍ତନ ମଣ୍ଡଳୀ, ହରପାର୍ବତୀ ପୂଜା କମିଟି, ବଡ଼ବଜାର ପୂଜା କମିଟି, ସଦାବ୍ରତ ମଠ ପୂଜା କମିଟି ସମ୍ପାଦକ, ମା' ଟିଭି, ମନ୍ଦିରର ପୁରୋହିତ, ସମସ୍ତ ପୂଜକ, ମନ୍ଦିର ଗୁମାସ୍ତା, ସେବକ ଓ ସେବିକା, ପ୍ରଶାନ୍ତ କୁମାର ଦାସ, ଜଗନ୍ନାଥ ସପ୍ଲାୟର୍ସ, ପୁଲିସ ବିଭାଗ, ପୌର ପରିଷଦ, ଜନସ୍ୱାସ୍ଥ୍ୟ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ସେବା ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଆଦି ବିଭାଗ ଶ୍ରୀଜୀଉଙ୍କ ରଥଯାତ୍ରା ଓ ଆଜି ବାହୁଡ଼ା ଯାତ୍ରାରେ ସେବା ଯୋଗାଇ ଦେଇଥିଲେ । ୯ ଦିବସ ବ୍ୟାପି ଶ୍ରୀଜୀଉଙ୍କ ରଥଯାତ୍ରା ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆଜି ମଧ୍ୟ ସରୋଜ ସାର ଓ ବିରଜା କଳା ପରିଷଦ ଆନୁକୂଲ୍ୟରେ ଆକର୍ଷଣୀୟ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସର୍ବୋପରି ଶ୍ରୀଜୀଉଙ୍କ ପବିତ୍ର ରଥଯାତ୍ରା ଓ ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳା, ଭାଇଚାରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

**କନ୍ୟାଁଗୋଲା:** ନବଦିନ ବ୍ୟାପୀ ଆଡ଼ପ ମଣ୍ଡପରେ ମହାଲୀଳା ସମାପ୍ତ କରି ଚନ୍ଦନ ଶ୍ରୀକ୍ଷେତ୍ର ନାରୀଗାଁ ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଧା ମୂର୍ତ୍ତି ଆଜି ପବିତ୍ର ବାହୁଡ଼ା ଯାତ୍ରାରେ ରତ୍ନ ସିଂହାସନ ଅଭିମୁଖେ ଯାତ୍ରା କରିଛନ୍ତି । ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ପରମ୍ପରାର ସମସ୍ତ ନୀତିକାନ୍ତି ପାଳନ ପୂର୍ବକ ଦିବା ୩ ଘଟିକା ସମୟରେ ହଜାର ହଜାର ଭକ୍ତଙ୍କ ଗହଣରେ ରଥଟଣା ଆରମ୍ଭ ହୋଇଥିଲା । ଜଗନ୍ନାଥ ସେବା ସଂସ୍ଥାର ସମ୍ପାଦକ ସେବକ ଘନଶ୍ୟାମ ରାୟ ଛେରା ପହଁରା କରିବା ପରେ ରଥ ଟଣା ଆରମ୍ଭ କରାଯାଇଥିଲା । ଦିବସରେ ସଙ୍ଗୀତଜ୍ଞ ଦୀନେଶ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏକ ଆଧ୍ୟାତ୍ମିକ ଭଜନ ସମାରୋହ ଆୟୋଜନ କରାଯାଇଥିଲା । ରଥରେ ବାମନ ରୂପି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଲାଗି ଆଖପାଖ ଅଞ୍ଚଳର ଅଗଣିତ ଜନତା ଶ୍ରୀଗୁଣ୍ଡିଚା ମନ୍ଦିରରେ ଏକାକାର ହୋଇଥିଲେ । ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶିକ୍ଷାବିତ ସୁବାସ ଚନ୍ଦ୍ର ରାଉତ, ସମାଜସେବୀ ବିଜୟ କୁମାର ଧଳ, ସଭାପତି ପ୍ରମୋଦ ସ୍ୱାଇଁ, ତୁଷାର ରଞ୍ଜନ ରାଉତ, ନରେନ୍ଦ୍ର ରାଉତ, ଜିତେନ୍ଦ୍ର ବିଶ୍ୱାଳ, ବିଜ୍ଞାନ ଗୁରୁ, ଅକ୍ଷୟ କୁମାର ଧଳ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

**ସୁକିନ୍ଦା:** ପବିତ୍ର ବାହୁଡ଼ାଯାତ୍ରା ଅବସରରେ ସୁକିନ୍ଦାରେ ସୋମବାର ଅପରାହ୍ନରେ ମହାପ୍ରଭୁଙ୍କ ପହଣ୍ଡି କାର୍ଯ୍ୟ ସମାପନ ହେବା ସହ ରଥଟଣା ଆରମ୍ଭ ହୋଇଛି । ଚଳିତ ଶ୍ରୀଗୁଣ୍ଡିଚା ଯାତ୍ରାରେ ବ୍ରାହ୍ମଣ ଶାସନ ସେବାୟତ ଠାକୁରଙ୍କୁ ରଥରୁ ନଓହ୍ଲାଇବାକୁ ନେଇ ଲାଗି ରହିଥିବା ବିବାଦ ଗତ ଶନିବାର ଦିନ ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମାଧାନ ହୋଇଥିଲା । ପ୍ରଶାସନ ପକ୍ଷରୁ ସମସ୍ତ ବିବାଦର ଅନ୍ତ ଘଟାଇ ପହଣ୍ଡି କାର୍ଯ୍ୟ ସମ୍ପନ୍ନ ହୋଇଛି । ଯାହାକୁ ନେଇ ଭକ୍ତଙ୍କ ମହଲରେ ଆନନ୍ଦ ପରିଲକ୍ଷିତ ହୋଇଛି । ସ୍ଥାନୀୟ ବ୍ରାହ୍ମଣ ସେବାୟତ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଆଡ଼ପ ମଣ୍ଡପରୁ ପହଣ୍ଡି କରି ରଥାରୂଢ଼ କରିଥିଲେ । ପରେ ସୁକିନ୍ଦା ରାଜାସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର ରଥ ଉପରେ ଛେରା ପହଁରା କରିଥିଲେ । ପ୍ରଭୁଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯିବା ପରେ ପୁରୁଣା ପରମ୍ପରା ଅନୁଯାୟୀ ଥରେମାତ୍ର ରଥଟଣା ହୋଇଥିଲା । ଏହି ଯାତ୍ରାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ନିଜେ ପହଣ୍ଡି ସମୟରେ ଉପସ୍ଥିତ ରହି ରଥ ଟାଣିଥିଲେ । ପ୍ରଶାସନ ପକ୍ଷରୁ ଦେବୋତ୍ତର ବିଭାଗ ମୁଖ୍ୟ ତଥା ତହସିଲଦାର ଦମୟନ୍ତୀ ସାହୁ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭରିୟସ ଟପୋ, ଅତିରିକ୍ତ ତହସିଲଦାର, ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଆସନ୍ତାକାଲି ରଥ ସମ୍ପୂର୍ଣ୍ଣ ଟଣାଯାଇ ମନ୍ଦିର ସମ୍ମୁଖ ରଥଖଳାରେ ପହଞ୍ଚିବେ ।

**ଜାରକା:** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ପ୍ରସିଦ୍ଧ ବାହୁଡ଼ା ଯାତ୍ରା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ଥିବା ମାଉସୀ ମା' ମନ୍ଦିରରେ ୯ଦିନ ରହଣୀ ପରେ ପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସାଙ୍ଗରେ ଧରି ଆଜି ମନ୍ଦିରକୁ ଫେରିଛନ୍ତି । ମନ୍ଦିରର ସେବାୟତ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରି ପାଛୋଟି ଆଣିଥିଲେ । ଏହି ବାହୁଡ଼ାଯାତ୍ରାରେ ଧର୍ମଶାଳା ହାଟପଡ଼ିଆସ୍ଥ ମାଉସୀ ମା' ମନ୍ଦିରରେ ଧର୍ମଶାଳା ମୁନ୍‌ସୀମିଳନ କମିଟି ସଭାପତି ତଥା ଥାନା ଅଧିକାରୀ ତପନ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅପରାହ୍ନ ୪ଟାରୁ ରଥଟଣା ଆରମ୍ଭ ହୋଇ ଧର୍ମଶାଳା ବଜାର, ଶାନ୍ତିବଜାର, ବୁଦ୍ଧ ଛକ, ଜାରକା ବଜାର ଦେଇ ଭାଲୁଖାଇ ମନ୍ଦିରରେ ପହଞ୍ଚିଥିଲା । ଏଥିରେ ଆଖପାଖ ଅଞ୍ଚଳର ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇ ରଥ ଟାଣିଥିବାବେଳେ ବିଭିନ୍ନ ସ୍ଥାନରେ ମହିଳାମାନେ ରାସ୍ତାରେ ମୁରୁଜ ପକାଇବା ସହ କଳସ ବସାଇ ଠାକୁରଙ୍କୁ ବନ୍ଦାପନା କରିଥିଲେ । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବାହୁଡ଼ାଯାତ୍ରାରେ ଯୋଗଦେଇ ରଥାରୁଢ ଠାକୁରଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ । ମୁନ୍‌ସୀମିଳନ କମିଟି ସମ୍ପାଦକ ଜଳଧର ମହାନ୍ତି, ସହସମ୍ପାଦକ ପ୍ରମୋଦ ଦାସ, ବସନ୍ତ ପରିଡ଼ା, ସୁଦୀପ୍ତ ସ୍ୱାଇଁ, ଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟି ସଭାପତି ପ୍ରସନ୍ନ ବରାଳ, ଡ. ଇନ୍ଦ୍ରମଣି ମହାନ୍ତି, ଅନିରୁଦ୍ଧ ରାଉତ, ସବ୍ୟସାଚୀ ବେହେରା, ପ୍ରଭୁଦତ୍ତ ଜେନା, ଅଶୋକ ରାୟ, କଳ୍ପତରୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଧର୍ମଶାଳା ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା । ଆସନ୍ତାକାଲି ଭାଲୁଖାଇସ୍ଥ ଜଗନ୍ନାଥ ମନ୍ଦିର ପରିସରରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହେବ ।

**କାଳିଆପାଣି:** କାଳିଆପାଣି ଖଣି ଅଞ୍ଚଳର ମହାପ୍ରଭୁଙ୍କ ବାହୁଡା ଯାତ୍ରା ଆଜି ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟୁଆ ଓ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ରଥଟଣା ହୋଇଛି । ସକାଳ ୭ ଘଟିକା ସମୟରେ ଦେଉଳ ଫିଟା, ଦ୍ୱାରପାଳ ପୂଜା, ୧୨ ଘଟିକାରେ ଆଡ଼ପ ମଣ୍ଡପ ମହାପ୍ରସାଦ ନୀତି ଭୋଗ, ୧ ଘଟିକାରେ ରଥ ପ୍ରତିଷ୍ଠା ପରେ ୨ ଘଟିକାରେ ସେବାୟତ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ । ୩ ଘଟିକାରେ ମହାପ୍ରଭୁଙ୍କ ଆଦ୍ୟ ସେବକ ସୁକିନ୍ଦା ରାଜ ପରିବାର ସଦସ୍ୟ ଜ୍ୟୋତି ପ୍ରକାଶ ସିଂହଦେଓ ଛେରା ପହଁରା କରିଥିଲେ ଓ ଅପରାହ୍ନ ୫ ଘଟିକା ସମୟରେ ରଥ ଟଣା ଆରମ୍ଭ ହୋଇଥିଲା । ସନ୍ଧ୍ୟା ୬ ଘଟିକା ସୁଦ୍ଧା ଜଗନ୍ନାଥ ମନ୍ଦିର ସମ୍ମୁଖ ରଥ ଖଳାରେ ରଥ ପହଞ୍ଚିଥିଲା । ମନ୍ଦିର ପରିଚାଳନା କମିଟି ସଭାପତିଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସେବାୟତ, ମାତୃମଣ୍ଡଳୀ, ସଂକୀର୍ତ୍ତନ ମଣ୍ଡଳୀ, ଆରକ୍ଷୀ ବାହିନୀ ଏହି ପବିତ୍ର ବାହୁଡା ଯାତ୍ରାରେ ସାମିଲ ହୋଇଥିଲେ ।

**ମଇଁଦା:** ଆଜି ପବିତ୍ର ବାହୁଡ଼ା ଯାତ୍ରା । ମାଉସୀ ମା' ମନ୍ଦିରରୁ ପ୍ରଭୁ ଜଗନ୍ନାଥ ସମେତ ଚତୁର୍ଦ୍ଧା ମୂର୍ତ୍ତି ବାହୁଡ଼ିଛନ୍ତି । ପ୍ରଥମେ ପ୍ରାତଃକାଳେ ପ୍ରଭୁଙ୍କ ନୀତିକାନ୍ତି ହୋଇଥିଲା । ପରେ ବିଗ୍ରହଙ୍କୁ ରଥାରୂଢ କରାଯାଇଥିଲା । ଛେରା ପହଁରା କରାଯାଇଥିଲା । ଭକ୍ତଙ୍କ ଗହଳିରେ ରଥ ଗଡ଼ିଥିଲା । ଘଣ୍ଟ, ହୁଳହୁଳି ସହିତ ହରିବୋଲ ଶବ୍ଦରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା ।

**ଟମକା:** ଟମକାଠାରେ କୋଟି ଓଡ଼ିଆଙ୍କ ପରମ ଆରାଧ୍ୟ ଠାକୁରଙ୍କ ବାହୁଡ଼ା ଯାତ୍ରା ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଛି । ଶ୍ରୀଜୀଉଙ୍କୁ ଅପରାହ୍ନରେ ରଥାରୂଢ କରାଯିବା ପରେ ବିଧି ମୁତାବକ ସ୍ଥାନୀୟ ଜଗନ୍ନାଥ କମିଟିର ତ୍ରିଲୋଚନ ନାୟକଙ୍କ ଦ୍ୱାରା ଛେରା ପହଁରା ପରେ ରଥଟଣା ଆରମ୍ଭ ହୋଇଥିଲା । ମାଉସୀ ମା' ମନ୍ଦିରରୁ ଅପରାହ୍ନରେ ରଥକୁ ଶହ ଶହ ଶ୍ରଦ୍ଧାଳୁ ଉପର ଟମକାର ଜଗନ୍ନାଥ ମନ୍ଦିରକୁ ଟାଣି ନେଇଥିଲେ । ସ୍ଥାନୀୟ ପୁଲିସ ସହଯୋଗରେ ରଥଟଣା ଶୃଙ୍ଖଳିତ ଭାବେ ଶେଷ ହୋଇଥିଲା ।

## ଯୁବ ଛାତ୍ର ସାଂଗଠନିକ ବୈଠକ



**ଯାଜପୁର, ୧୫।୭(ସମିସ):** ଯାଜପୁର ବ୍ଲକ ଚଇନପୁର ପଞ୍ଚାୟତର ବିଜୁ ଜନତା ଦଳର ଯୁବ ଛାତ୍ର ସାଂଗଠନିକ ବୈଠକ କାଳୀମେଘାଠାରେ ଅନୁଷ୍ଠିତ ହୋଇଯାଇଛି । ଯାଜପୁରର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଗତ ସାଧାରଣ ନିର୍ବାଚନର ଫଳାଫଳ ସମ୍ପର୍କରେ ଆଲୋଚନା କରିଥିଲେ । ପଞ୍ଚାୟତରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ତଦାରଖ କରିବା ସହିତ ଆଗାମୀ ଦିନରେ ଦଳୀୟ ସଂଗଠନକୁ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ । ସରପଞ୍ଚ ବୈଷ୍ଣବ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା, ଯୁବ ସଭାପତି ମଳୟ କୁମାର ପଣ୍ଡା, ବାବୁଆ ସାହୁ, ସତ୍ୟାନନ୍ଦ ବେହେରା, ଭାଗବତ ନାୟକ, ନିତ୍ୟାନନ୍ଦ ପଣ୍ଡା, ସାଗର ଜେନା, ମୁନା ଜେନା, ସତ୍ୟଜିତ ସାହୁ, କିଶୋର ଜେନା, ଚିନ୍ମୟ ରାଉତ, ସୁବାସ ରାଉତ, ପ୍ରଦୀପ ବର୍ଦ୍ଧନ, ନିରଞ୍ଜନ ଜେନା, ତନ୍ମୟ ମିଶ୍ର, ଦେବୀପ୍ରସାଦ ମିଶ୍ର, ପ୍ରକାଶ ସାହୁ, ରାଇମୋହନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତାମତ ଦେଇଥିଲେ ।

## ନାବାଳିକାଙ୍କ ଆତ୍ମହତ୍ୟା

**କୁଆଖିଆ, ୧୫।୭(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମର ମଧୁ ମଲିକଙ୍କ ଝିଅ ସନ୍ଧ୍ୟାରାଣୀ(୧୬) ଶୋଇବା ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଉକ୍ତ ଅଭିଯୋଗ ଆଧାରରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତେବେ ନାବାଳିକା ଜଣକ କେଉଁ କାରଣରୁ ଆତ୍ମହତ୍ୟା କରିଛି, ସେ ସମ୍ପର୍କରେ ପରିବାର ଲୋକେ ସନ୍ତୋଷଜନକ ଉତ୍ତର ଦେଇ ପାରିନାହାଁନ୍ତି । ଯାହାକୁ ନେଇ ପୁଲିସ ପକ୍ଷରୁ ତଦନ୍ତକୁ ଅଧିକ ଶାଣିତ କରାଯିବା ସହ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ଅସଲ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି ।

## ସୁନ୍ଦରପୁରରେ ସାଇ ମନ୍ଦିର ପ୍ରତିଷ୍ଠା



**ଯାଜପୁର, ୧୫।୭(ସମିସ):** ଯାଜପୁର ବ୍ଲକ ଚଇନପୁର ପଞ୍ଚାୟତର ସୁନ୍ଦରପୁରଠାରେ ସାଇ ମନ୍ଦିର ପ୍ରତିଷ୍ଠା ହେଉଛି । ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ । ସତ୍ୟ ସାଇ ସେବା ସମିତିର ଆବାହକ ବିମ୍ବାଧର ଧଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଟୁଲା ଭାଇ, କିଶୋର ଚନ୍ଦ୍ର ସାହୁ, ଇନ୍ଦ୍ରଜିତ ବସୁ, ସୁନୀଲ କାନ୍ତି ମହାନ୍ତି, କାଞ୍ଚନ ବେହେରା, ଉତ୍ତମ ନାୟକ, ଅଭିମନ୍ୟୁ ମହାଳିକ, ରବୀନ୍ଦ୍ର ନାଥ ବେହେରା, ଭ୍ରମରବର ବେହେରା, ଅଶୋକ ବରାଳ, ଗଙ୍ଗାଧର ପ୍ରଧାନ, ଦିଲ୍ଲୀପ ବେହେରା, ଭରତ ବରାଳ, ପ୍ରହଲ୍ଲାଦ ସାମଲ, ମଳୟ ପଣ୍ଡା, ସତ୍ୟାନନ୍ଦ ବେହେରା, ବୁଦ୍ଧିରାମ ସାମଲ ପ୍ରମୁଖ ସାମିଲ ହୋଇ ଏହି ମନ୍ଦିର କିଭଳି ସମ୍ପନ୍ନ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ ।

ଫାଣ୍ଡିରୁ ଫେରୁଥିବା ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣା

## ଜେନାପୁର ପୁଲିସର ହାତ ଖାଲି; ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବ୍ୟବସାୟୀ

**ଯାଜପୁର, ୧୫।୭(ସମିସ):** ଜେନାପୁର ଥାନା ଅନ୍ତର୍ଗତ ମହିଶରା ପଞ୍ଚାୟତ ରମ୍ପେଇ ଗ୍ରାମର ଗଙ୍ଗାଧର ନାୟକ (୬୬) ଓ ତାଙ୍କ ପୁଅଙ୍କୁ ଆକ୍ରମଣ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ପୁଲିସ କାହାରିକୁ ଗିରଫ କରିପାରିନାହିଁ । ଓଲଟି ଆକ୍ରମଣକାରୀ ଅଭିଯୋଗକାରୀଙ୍କୁ ଖୋଲାଖୋଲି ଧମକ ଓ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି । ଆକ୍ରମଣକାରୀ ଅଭ୍ୟାସଗତ ଅପରାଧୀ ଓ ସେମାନଙ୍କୁ ରାଜନୈତିକ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହୋଇଛି । ଫଳରେ ଜେନାପୁର ପୁଲିସ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି । ଜେନାପୁର ପୁଲିସର ନିରବତା ଉପରେ ସନ୍ଦେହ ପ୍ରକଟ କରି ପୀଡ଼ିତ ଗଙ୍ଗାଧର ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ପ୍ରକୋଷ୍ଠରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ତାଙ୍କ ଅଭିଯୋଗକୁ ଗ୍ରହଣ କରି ତାଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ଅଭିଯୋଗ ମୁତାବକ, ଗତ ୧୩ ତାରିଖ ରାତି ପ୍ରାୟ ୧୦ଟା ସମୟରେ ଶ୍ରୀ ନାୟକ ଓ ତାଙ୍କ ପୁଅ ଚଢ଼େଇଧରା ଫାଣ୍ଡିରୁ ଫେରୁଥିବା ସମୟରେ ବରଡ଼ା ଛକ ନିକଟରେ ରମ୍ପେଇ ଗ୍ରାମର କେତେକ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଆକ୍ରମଣକାରୀ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ । ଏପରିକି ତାଙ୍କ କାର୍‌କୁ ଭଙ୍ଗାରୁଜା କରିଥିଲେ । ସେମାନେ କୌଣସି ମତେ ସେଠାରୁ ଖସି ଆସି ଥାନା ଅଧିକାରୀଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରିଥିଲେ । ଜେନାପୁର ଥାନାରେ ଆକ୍ରମଣକାରୀଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦେଇ ଅଭିଯୋଗ କରିବା ପରେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଯାଜପୁର ଏସ୍‌ପି ଅବଗତ ଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ସ୍ଥାନୀୟ ପୁଲିସ କେବଳ ମାମଲା ରୁଜୁ କରି ହାତ ବାନ୍ଧି ବସିଛି । ଏହାର ପ୍ରତିବାଦରେ ଆଜି ଶ୍ରୀ ନାୟକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଥିଲେ । ଉପମୁଖ୍ୟମନ୍ତ୍ରୀ ଯାଜପୁର ଏସ୍‌ପିଙ୍କ ସହ ଆଲୋଚନା କରି ନ୍ୟାୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## 'ରଥ-ପଥ-ଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ଓ ଆଧ୍ୟାତ୍ମିକ କବିତା ପାଠୋତ୍ସବ

**ବାଲିଚନ୍ଦ୍ରପୁର, ୧୫।୭(ସମିସ):** ପବିତ୍ର ବାହୁଡ଼ା ଅବସରରେ ବାଲିଚନ୍ଦ୍ରପୁର ନିକଟ ରୁକୁଟିପାଟ ମାଉସୀ ମା' ମନ୍ଦିର ପରିସରରେ ରଥ-ପଥ-ଜଗନ୍ନାଥ ଶୀର୍ଷକ ଏକ ଆଲୋଚନାଚକ୍ର ଓ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଆଜି 'ମାହାଙ୍ଗା-ବଡ଼ଚଣା ସାହିତ୍ୟ ଓ ସଂସ୍କୃତି ପରିଷଦ' ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ସାମ୍ବାଦିକ ଭକ୍ତଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ ନାୟକ ଯୋଗଦେଇ ଆଲୋଚନାଚକ୍ରକୁ ଉଦଘାଟନ କରି ସତ୍ୟ ପଥରେ ଚାଲିଲେ ଈଶ୍ୱରଙ୍କ ସାନ୍ନିଧ୍ୟ ମିଳିଥାଏ ବୋଲି କହିଥିଲେ । ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ଶଶଧର ପଣ୍ଡା ଯୋଗଦେଇ ରଥ-ପଥ-ଜଗନ୍ନାଥ ଉପରେ ବିଭିନ୍ନ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ହୃଷିକେଶ ରଥ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ପ୍ରାଧ୍ୟାପକ ବିନ୍ଦୁମିତ୍ର ବଳ, ସାହିତ୍ୟିକ ଯତିନ୍ଦ୍ର କୁମାର ରାଉତ ଓ ଡଃ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏ ଅବସରରେ ପଣ୍ଡିତ ହୃଷିକେଶ ରଥଙ୍କୁ 'ଧର୍ମ ପ୍ରାଜ୍ଞ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ଆଧ୍ୟାତ୍ମିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୂଜକ ମଥୁରୀ ରାଉଳ, ଦିଲ୍ଲୀପ କୁମାର ସାମଲ, ବଟକୃଷ୍ଣ ସ୍ୱାଇଁ, ଦୟାନନ୍ଦ ସାହୁ ଓ ମା' ଶାରଳା ସଂକୀର୍ତ୍ତନ ମଣ୍ଡଳୀକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପରେ କବି ଶ୍ରୀ ସିଂହ ଓ କବି ବିବେକାନନ୍ଦ ଦାଶଙ୍କ ସଂଯୋଜନାରେ ଆୟୋଜିତ ଆଧ୍ୟାତ୍ମିକ କବିତା ପାଠୋତ୍ସବରେ କବି ରାଜକିଶୋର ମିଶ୍ର, ପୁରୁଷୋତ୍ତମ ପୃଷ୍ଟି, ନାରାୟଣ ଶତପଥୀ, ଫକୀର ଚରଣ ସାମଲ, ପ୍ରଫୁଲ୍ଲ କୁମାର ସିଂହ, ପ୍ରଶାନ୍ତ ଜେନା, ଲବଙ୍ଗଲତା ରାଉତ, ପ୍ରମୋଦା ମଞ୍ଜରୀ ବଳ, ଧନେଶ୍ୱର ପ୍ରଧାନ ପ୍ରମୁଖ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ପରିଷଦର ଉପସଭାପତି କବି ଗୌତମ ଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବରିଷ୍ଠ ସଦସ୍ୟ ପ୍ରଦୀପ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିବାବେଳେ ପରିଷଦର ଅନ୍ୟତମ ସହଯୋଗୀ ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ କୃତଜ୍ଞତା ଜଣାଇଥିଲେ । ସାଂସ୍କୃତିକ ସମ୍ପାଦକ ଅଜୟ କୁମାର ଜେନା, ପ୍ରଶାନ୍ତ କୁମାର ବେହେରା, ପ୍ରକାଶ କୁମାର ରାଉତରାୟ, ସମ୍ପଦ ଦାସ, ଗୌତମ ଦାସ, ଦିଲ୍ଲୀପ ରାଉତରାୟ, ଦୀପ୍ତିରାଣୀ ବେହେରା, ବିଶ୍ୱଜିତ ପ୍ରସାଦ ସାହୁ ଓ ଗୁରୁଦତ୍ତ ଦେବୀ ପ୍ରସାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

